ସାପ୍ତାହିକ
Postal Regd. No.: SBP/14/2019-2021

# ସ୍ୱୀକାର

The Sweeker स्वीकार

ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା

RNI No. 66443/94

Vol.25 | Issue - 26 | 25 - 31 July 2021 | Sambalpur | Page-12 | Invitation Price Rs.10

## ଦେଶରେ ୧୦ ହଜାର ଲୋକଙ୍କ ପାଇଁ ଅଛନ୍ତି ଜଣେ ଡାକ୍ତର

ସମ୍ବଲପୁର: ଦେଶରେ ୧୦ ହଜାର ୧୮୯ ଲୋକଙ୍କ ପାଇଁ ମାତ୍ର ଜଣେ ଡାକ୍ତର ରହିଥିବା ବେଳେ ୯୦ ହଜାର ୩୪୩ ଲୋକଙ୍କ ପାଇଁ ଗୋଟିଏ ଡାକ୍ତରଖାନା ରହିଛି । ସମାଜରୁ ଦାରିଦ୍ର୍ୟ, ଅନଗ୍ରସରତା, ବୈଷମ୍ୟ ଦୂର କରି ଲୋକଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ଲାଗି ସାରା ବିଶ୍ୱରେ ଅଭିଯାନ ଜାରି ରଖିଥିବା ଅକ୍ସଫାମ୍ ପକ୍ଷରୁ ଜାରି ଏକ ରିପୋର୍ଟରେ ଏହି ତଥ୍ୟ ପ୍ରଦାନ କରାଯାଇଛି ।

ଅକ୍ସଫାମର ତଥ୍ୟ ଅନୁଯାୟୀ ଗ୍ରାମୀଣ ଭାରତରେ ସ୍ୱାସ୍ଥ୍ୟସେବାର ସ୍ଥିତି ଆହୁରି ସଂଗୀନ ରହିଛି । ଗାଁରେ ୩୪୩୦ ଲୋକଙ୍କ ପାଇଁ ଗୋଟିଏ ଶଯ୍ୟା, ସହରରେ ୮୬୯ ଲୋକଙ୍କ ପାଇଁ ଗୋଟିଏ ଶଯ୍ୟା ବ୍ୟବସ୍ଥା କରାଯାଇଛି । କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନା ଦେଶର ସର୍ବବୃହତ ବୀମା ଯୋଜନା । ଦାରିଦ୍ର୍ୟ ସୀମାରେଖା ତଳର ୪୦ ପ୍ରତିଶତ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ଉଚିତ । ହେଲେ ୫୦ କୋଟି ଲୋକ ଏହି ଯୋଜନାର ବାଦ ପଡିଛନ୍ତି । ଏହି ଯୋଜନାରେ ଗାଁର ଜଣେ ବ୍ୟକ୍ତିଙ୍କୁ ୫ ହଜାର, ସହରରେ ଜଣେ ବ୍ୟକ୍ତିଙ୍କୁ ୧୦ ହଜାର ଟଙ୍କା ଦିଆଯାଇ ପାରିବ । ଏହା ସତ୍ତ୍ୱେ ଡାକ୍ତରଖାନାରେ ଭର୍ତ୍ତି ପରେ ଜଣେ ବ୍ୟକ୍ତିଙ୍କୁ ନିଜ ପକେଟରୁ ହାରାହାରି ୨୩୯୪ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି । ସ୍ୱାସ୍ଥ୍ୟସେବା ପାଇଁ ଆକଳନ କରାଯାଇଥିବା ବଜେଟକୁ ୨୦୨୧ ମସିହାରେ ୯.୮ ପ୍ରତିଶତ ହ୍ରାସ କରାଯାଇଛି । ଗତ ଦୁଇ ଦଶନ୍ଧି ମଧରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ରୋଗୀଙ୍କୁ ବିନା ମୂଲ୍ୟରେ ମିଳୁଥିବା ଔଷଧ ୩୧.୨ ପ୍ରତିଶତରୁ ୮.୯ ପ୍ରତିଶତକୁ ହ୍ରାସ ପାଇଥିବା ବେଳେ ଆଉଟଡୋର୍ ରୋଗୀଙ୍କୁ ୧୭.୮ ପ୍ରତିଶତରୁ ୫.୯ ପ୍ରତିଶତକୁ ହ୍ରାସ ପାଇଛି । ସ୍ୱାସ୍ଥ୍ୟସେବାରେ ଖର୍ଚ୍ଚ କରିବାରେ ଦେଶରେ ଓଡ଼ିଶାର ସ୍ଥାନ ପଞ୍ଚମରେ ରହିଛି । ଦେଶରେ ଜଣେ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ ଲାଗି ହାରାହାରି ୧୨୬୧ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଓଡ଼ିଶା ସରକାର ୧୪୬୧ ଟଙ୍କା ଖର୍ଚ୍ଚ କରନ୍ତି । ଆହୁରି ମଧ ଓଡ଼ିଶାରେ ଲୋକେ ସ୍ୱାସ୍ଥ୍ୟସେବା ପାଇଁ ହାରାହାରି ୪୨୨୬ ଟଙ୍କା ପକେଟରୁ ଖର୍ଚ୍ଚ କରୁଥିବା ବେଳେ ଦେଶରେ ଏହା ହାରାହାରି ୩୧୯୭ ଟଙ୍କା ରହିଛି । ସ୍ୱାସ୍ଥ୍ୟ ସେବାରେ ଖର୍ଚ୍ଚ କ୍ଷେତ୍ରରେ ବିହାର ସବୁଠାରୁ ତଳେ ରହିଥିବା ବେଳେ ଉତ୍ତର ପ୍ରଦେଶ ଦ୍ୱିତୀୟ ସର୍ବନିମ୍ନ ଖର୍ଚ୍ଚ କରେ ବୋଲି ରିପୋର୍ଟରୁ ଜଣାପଡିଛି ।

ସେହିପରି ଶିଶୁଙ୍କୁ ରୋଗ ପ୍ରତିରୋଧକ ପାଇଁ ଖର୍ଚ୍ଚ କରିବାରେ ମଧ ଓଡ଼ିଶା ଜାତୀୟ ହାରଠାରୁ ଆଗୁଆ ରହିଛି । ପୋଲିଓ, ହେପାଟାଇଟିସ୍ ଭଳି ରୋଗ ପ୍ରତିରୋଧକ କାର୍ଯ୍ୟକ୍ରମରେ ଓଡ଼ିଶାର ୫ ରୁ ୪ ଶିଶୁଙ୍କୁ ସାମିଲ କରାଯାଇଛି । ଦେଶରେ ୧୨ ରୁ ୨୩ ମାସର ୬୨ ପ୍ରତିଶତ ଏବଂ ଓଡ଼ିଶାର ୭୮.୬ ପ୍ରତିଶତ ଶିଶୁ ଏହି ଅଭିଯାନରେ ସାମିଲ ହୋଇଛନ୍ତି । ତେବେ ଉଚ୍ଚତା ତୁଳନାରେ ଆବଶ୍ୟକ ଓଜନ ଦୃଷ୍ଟିରୁ ଶିଶୁଙ୍କ ସଂଖ୍ୟା ହିସାବକୁ ନେଲେ ରାଜ୍ୟର ହାର ଜାତୀୟ ହାରଠାରୁ ପଛରେ ରହିଛି ।

## କରୋନା ସତ୍ତ୍ୱେ ରାଜ୍ୟ ଅର୍ଥନୀତି ଉର୍ଦ୍ଧ୍ୱମୁଖୀ

ଭୁବନେଶ୍ୱର: କରୋନା ମହାମାରୀ ପ୍ରଭାବରେ ସମଗ୍ର ବିଶ୍ୱର ଅର୍ଥନୀତି ଧିମେଇ ଯାଇଥିବା ବେଳେ ଭାରତର ଆର୍ଥିକ ବ୍ୟବସ୍ଥା ମଧ ପ୍ରଭାବିତ ହୋଇଛି । ତେବେ ଏପରି ସମୟରେ ରାଜ୍ୟର ଆର୍ଥିକ ସ୍ଥିତି ଉର୍ଦ୍ଧ୍ୱମୁଖୀ ରହିଛି । ୨୦୨୧ ଜୁନ୍ ମାସ ଶେଷ ସୁଦ୍ଧା ବିଭିନ୍ନ ସୂତ୍ରରୁ ସାମଗ୍ରିକ ରାଜସ୍ୱ ସଂଗ୍ରହ ପରିମାଣ ୧୭୬୫୬ କୋଟି ୭୦ ଲକ୍ଷ ଟଙ୍କା ଛୁଇଁଛି । ଗତବର୍ଷ ସମାନ ଅବଧିରେ ଏହା ୮୩୦୭ କୋଟି ୫୪ ଲକ୍ଷ ଥିଲା । ଅର୍ଥାତ୍ ଗତ ଆର୍ଥିକ ବର୍ଷ ଜୁନ ଶେଷ ତୁଳନାରେ ଚଳିତ ବର୍ଷ ସାମଗ୍ରିକ ରାଜସ୍ୱ ପରିମାଣ ସଂଗ୍ରହ ୧୧୨.୫୪ ପ୍ରତିଶତ ବୃଦ୍ଧିପାଇଛି । ଏହି ସମୟରେ ନିଜସ୍ୱ ଟିକସ ସଂଗ୍ରହ ବାବଦକୁ ରାଜ୍ୟ ସରକାର ୮୦୩୬ କୋଟି ଟଙ୍କା ଏବଂ ଅଣ ଟିକସ ରାଜସ୍ୱ ବାବଦକୁ ୯୬୨୧.୧୬ କୋଟି ଟଙ୍କା ସଂଗ୍ରହ କରିଛନ୍ତି । ଗତବର୍ଷ ସମାନ ସମୟରେ ନିଜସ୍ୱ ଟିକସ ରାଜସ୍ୱ ବାବଦକୁ ସରକାର ୪୬୦୧ କୋଟି ଟଙ୍କା ଆଦାୟ କରିଥିବା ବେଳେ ଅଣ ଟିକସ ରାଜସ୍ୱ ବାବଦକୁ ୮୩୦୭ କୋଟି ଟଙ୍କା ଆଦାୟ କରିଥିଲେ । ଆର୍ଥିକ ପରିଚାଳନାରେ '୫ଟି' ର ଉପଯୋଗ ଏବଂ ଦୂରଦର୍ଶୀ ନୀତି ପ୍ରଣୟନ ଯୋଗୁଁ ଏହା ସମ୍ଭବ ହୋଇ ପାରିଥିବା କୁହାଯାଉଛି । ରାଜ୍ୟ ଲୋକସେବା ଭବନରେ ଡିଜିଟାଲ ମୋଡରେ ମୁଖ୍ୟ ସଚିବ ସୁରେଶ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏକ ସଚିବସ୍ତରୀୟ ସମୀକ୍ଷା ବୈଠକରେ ଏ ସଂକ୍ରାନ୍ତ ସୂଚନା ଦିଆଯାଇଛି ।

ଚଳିତ ଆର୍ଥିକ ବର୍ଷରେ ବଜେଟ ଅର୍ଥ ଖର୍ଚ୍ଚ କରିବାରେ ମଧ ରାଜ୍ୟ ସରକାର ସଫଳତା ଲାଭ କରିଛନ୍ତି । ଜୁନ୍ ମାସ ଶେଷ ସୁଦ୍ଧା ମୋଟ ୨୫୧୯୪ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ଏହା ଗତବର୍ଷ ଜୁନ ଶେଷ ସୁଦ୍ଧା ୨୦୨୬୯ କୋଟି ଟଙ୍କା ଥିଲା । ଅର୍ଥାତ୍ ଗତ ବର୍ଷ ତୁଳନାରେ ଚଳିତ ଜୁନ ଶେଷ ସୁଦ୍ଧା ବଜେଟ ଅର୍ଥ ୨୪.୨୯ ପ୍ରତିଶତ ଅଧିକ ଖର୍ଚ୍ଚ ହୋଇ ପାରିଛି । ସେହିପରି ଗତବର୍ଷ ତୁଳନାରେ ଚଳିତ ବର୍ଷ କାର୍ଯ୍ୟକ୍ରମ ବ୍ୟୟରେ ଅଧିକ ୫୫.୬୨ ପ୍ରତିଶତ ଅଧିକ ଅର୍ଥ ଖର୍ଚ୍ଚ ହୋଇ ପାରିଛି ।

## ଓଡ଼ିଶାରେ ଖାଦ୍ୟ ସୁରକ୍ଷା ଓ ପ୍ରଧାନମନ୍ତ୍ରୀ ଅନ୍ନ ଯୋଜନାର ତଦନ୍ତ ଦାବି

ନୂଆଦିଲ୍ଲୀ : ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାର ଜାଲିଆତି ଅଭିଯୋଗ ଆଣି ଓଡ଼ିଶାରେ ଏହାର ତଦନ୍ତ ଲାଗି ବିଜେପି କେନ୍ଦ୍ର ସରକାରଙ୍କ ପାଖରେ ଦାବି କରିଛି । ବିଜେପିର ଦୁଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅଶ୍ୱିନୀ ବୈଷ୍ଣବଙ୍କ ସହ ୪ ଜଣ ସାଂସଦ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପିୟୁଷ ଗୋଏଲଙ୍କୁ ଭେଟି ଏକ ସ୍ମାରକପତ୍ର ଦେଇଛନ୍ତି ।

ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା କାର୍ଯ୍ୟକାରୀ କରିବାରେ ଅନିୟମିତତା, ହେରଫେର ତଥା ଅବ୍ୟବସ୍ଥା ଉପରେ ଅବଗତ କରିବା ସହ ଅଭାବୀ ତଥା ଯୋଗ୍ୟ ହିତାଧିକାରୀଙ୍କୁ ବଞ୍ଚିତ କରିବା ନେଇ ଅଭିଯୋଗ କରିଛନ୍ତି । କେନ୍ଦ୍ରର ଏହି ଯୋଜନାରୁ ଅଧିକାଂଶ ଗରିବ ହିତାଧିକାରୀ ଲାଭ ପାଇପାରୁ ନାହାନ୍ତି ବୋଲି ସେମାନେ କହିଛନ୍ତି ।



ପ୍ରତିନିଧି ଦଳରେ ଦୁଇ କେନ୍ଦ୍ରମନ୍ତ୍ରୀଙ୍କ ସହ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ, କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା, ସମ୍ବଲପୁର ସାଂସଦ ନୀତେଶ ଗଙ୍ଗଦେବ, ବଲାଙ୍ଗୀର ସାଂସଦ ସଂଗୀତା ସିଂହଦେଓ ପ୍ରମୁଖ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଥିଲେ । ଏହି ଘଟଣାରେ ତୁରନ୍ତ ତଦନ୍ତ ନିର୍ଦ୍ଦେଶ ଦେବା ପାଇଁ ସେମାନେ ଦାବି କରିଛନ୍ତି ।

## ବେଲପାହାଡ଼ ଯୁପିଏଚ୍‌ସିରେ ଅସ୍ତ୍ରୋପଚାର ଗୃହ ଉଦ୍‌ଘାଟିତ

ଝାରସୁଗୁଡ଼ା : ବେଲପାହାଡ଼ ସରକାରୀ ଡାକ୍ତରଖାନାରେ ନୂତନ ଭାବରେ ନିର୍ମିତ ଅସ୍ତ୍ରୋପଚାର ଗୃହକୁ ବିଧାୟକ କିଶୋର କୁମାର ମହାନ୍ତି ଉଦ୍‌ଘାଟନ କରିଛନ୍ତି । ୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ



ଅସ୍ତ୍ରୋପଚାର ଗୃହ ନିର୍ମାଣ କରାଯାଇଛି । ସେହିପରି ହସ୍ପିଟାଲ ପରିସରରେ ଏକ ଶୁଦ୍ଧ ପାନୀୟ ଜଳ ମେସିନ୍‌କୁ ମଧ ଉଦ୍‌ଘାଟନ କରିବା ସହ ବୃକ୍ଷ ରୋପଣ କରିଛନ୍ତି । ଏଥିସହ ୯.୩୯ ଲକ୍ଷରେ ହସ୍ପିଟାଲ୍‌ରେ ନିୟମିତ ବି ଦ୍ୟୁ ତ ଯୋଗାଣ, ୧୯.୯୯ ଲକ୍ଷରେ ଡାକ୍ତର ଓ ଷ୍ଟାଫ କ୍ୱାର୍ଟର୍ ନବୀକରଣ, ୨୧.୨୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ ପାଚେରୀ ନିର୍ମାଣ କାମକୁ ବିଧାୟକ ଉଦ୍‌ଘାଟନ କରିଛନ୍ତି ।

ଏହି ଅବସରରେ ବେଲପାହାଡ଼ ନାଗରିକ ମଞ୍ଚର ସଂଯୋଜକ ଶ୍ୟାମସୁନ୍ଦର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିଡିଏମ୍‌ଓ ଡାକ୍ତର ଲାଲ ମୋହନ ରାଉତରାୟ, ବେଲପାହାଡ଼ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଲୋକନାଥ ତିୱାରୀ, ସାଂସଦ ପ୍ରତିନିଧି ରମେଶ ଜୟସ୍ୱାଲ, ଡାକ୍ତର କଶ୍ୟପ ସା, ଟିଆର୍‌ଏଲ୍ କ୍ରୋସାକ ଏଜିଏମ୍ ପିଆର୍‌ଓ ଡକ୍ଟର ସନ୍ତୋଷ କୁମାର ମିଶ୍ର, କୈଳାସ ନାଏକ, ଶମ୍ଭୁ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ । ଏ ଅବସରରେ ଡାକ୍ତରଖାନାର ଉନ୍ନତିକରଣ ଦାବିରେ ଆମରଣ ଅନଶନ କରିଥିବା ଏ.କେ ମିଶ୍ର,ଗୁଣନିଧି ପତି, ଶ୍ୟାମ ଶତପଥୀ, କହ୍ନେଇ ସେଠ, କିଶୋରଚନ୍ଦ୍ର ସାହୁ, ଶିଶି ଭୂଷଣ ମେହେର, ଡା. ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓ ପ୍ରଚଣ୍ଡ ଜୟସ୍ୱାଲଙ୍କ ଅନୁପସ୍ଥିତିରେ ପାରସନାଥ ଜୟସ୍ୱାଲଙ୍କୁ ବିଧାୟକ ଶ୍ରୀ ମହାନ୍ତି ସମ୍ବର୍ଦ୍ଧିତ କରିଥିଲେ ।

## ସୋହେଲାରେ ମିଶନ ଶକ୍ତିଗୃହ ଉଦ୍‌ଘାଟିତ




ବରଗଡ଼ : ସୋହେଲା ସ୍ଥିତ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ନିକଟରେ ମିଶନ ଶକ୍ତି ଗୃହ ଉଦ୍‌ଘାଟିତ ହୋଇଛି । ମୁଖ୍ୟଅତିଥି ଭାବେ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ରାସେଶ୍ୱରୀ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବ୍ଲକ ଅଧକ୍ଷ ଜୀବର୍ଦ୍ଧନ ବରିହା, ଜିଲ୍ଲା ପରିଷଦ ସଭ୍ୟ ସୁବ୍ରତ ବେହେରା ଓ ବିଡିଓ ବିଶ୍ୱରଂଜନ କର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଏହି ଅବସରରେ ମିଶନ ଶକ୍ତି ଗୃହ ପରିସରରେ ମନ୍ତ୍ରୀ ଶ୍ରୀ ସିଂଙ୍କ ସହ ଅନ୍ୟ ଅତିଥିମାନେ ଚାରାରୋପଣ କରିଥିଲେ । ଆଇସିଡିଏସ୍ ସୁପରଭାଇଜର ଗୁଲି ରାଉତ, ସୁହାସିନୀ ବିଶ୍ୱାଳ ଓ ଇଥେଲ ରୀତା କୁଲୁ ତଥା ମହାସଂଘର ସଭାନେତ୍ରୀ ଜାନକୀ ପଧାନୀ ଓ ସମ୍ପାଦିକା ଝୁନୁ ଦାଶ, ପଦ୍ମାଳୟା ସାହୁ, ନିରୂପମା ଭୋଇ, ସ୍ନେହଲତା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ ୧୦ଟି ସ୍ୱୟଂ ସହାୟିକା ଗୋଷ୍ଠୀକୁ ୫୦ ହଜାର ଟଙ୍କା ଲେଖାଏଁ ଋଣ ଆକାରରେ ପ୍ରଦାନ କରାଯାଇଥିଲା । ଶେଷରେ ମିଶନ ଶକ୍ତି ସଂଯୋଜିକା ଗୁଲି ରାଉତ ଧନ୍ୟବାଦ ଦେଇଥିଲେ ।

ଏ ସଂଖ୍ୟାରେ..



ଥକାପଣ ଦୂର କରେ ବିଟ୍



ଡେଙ୍ଗୁର ମହୌଷଧ ଅମୃତ ଭଣ୍ଡା ପତ୍ର



ବହୁ ଉପକାରୀ ପାଣିକଖାରୁ



କ୍ୟାନ୍ସର ଦୂର କରିବ ଅଙ୍ଗୁର ମଞ୍ଜି



ଶାଗୁଦାନାର ଉପକାରିତା

## ସୁନ୍ଦରଗଡ଼ ଜିଲ୍ଲାରେ ୨ ମେଗା ପାନୀୟ ଜଳ ପ୍ରକଳ୍ପକୁ ମଞ୍ଜୁରୀ

ସୁନ୍ଦରଗଡ଼: ଓଏମବିଏଡିସି ଯୋଜନାରେ ସୁନ୍ଦରଗଡ଼ ଜିଲ୍ଲାରେ ଗୋଟିଏ ବୃହତ୍ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବ । ଏହାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି । ଏହି ପ୍ରକଳ୍ପ ଦ୍ୱାରା ଜିଲ୍ଲାର ୪ ବ୍ଲକ ଅଧୀନ ୪୯ ପଞ୍ଚାୟତର ୧୯୫ ଗ୍ରାମରେ ରହୁଥିବା ପ୍ରାୟ ୨,୫୯,୬୧୭ ଲୋକଙ୍କୁ ନିରାପଦ ପାନୀୟ ଜଳ ଯୋଗାଇ ଦିଆଯିବ ।

ସେଥିରୁ ବିସ୍ରା ବ୍ଲକର ୧୨ ପଞ୍ଚାୟତର ୬୨ ଗ୍ରାମର ପ୍ରାୟ ୬୩,୧୩୮ ଜଣ, ଲାଠିକଟା ବ୍ଲକ ୧୭ ପଞ୍ଚାୟତର ୭୦ ଗ୍ରାମର ପ୍ରାୟ ୧,୦୪,୯୩୦ ଜଣ ଲୋକ, ଲହୁଣିପଡ଼ା ବ୍ଲକ ଅଧୀନ ୭ ପଞ୍ଚାୟତ ଅନ୍ତର୍ଗତ ୭୦ ଗ୍ରାମର ପ୍ରାୟ ୩୪,୯୧୭ ଜଣ ଲୋକ ଓ ବଣାଇ ବ୍ଲକ ୧୩ ପଞ୍ଚାୟତର ୯୩ ଗ୍ରାମର ପ୍ରାୟ ୫୬ ହଜାର ଲୋକ ଏହି ପ୍ରକଳ୍ପ ଦ୍ୱାରା ଉପକୃତ ହେବେ । ଏହି ପ୍ରକଳ୍ପ କାର୍ଯ୍ୟ ଆସନ୍ତା ୨୪ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ଉକ୍ତ ପ୍ରକଳ୍ପ ପାଇଁ ୩୮୮ କୋଟି ୮୧ ଲକ୍ଷ ୮୭ ହଜାର ୩୮୦ ଟଙ୍କା ବ୍ୟୟ ବରାଦ କରାଯାଇଛି । ଅନ୍ୟ ଏକ ମେଗା ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ସୁନ୍ଦରଗଡ଼ ଜିଲ୍ଲାର ୬ ବ୍ଲକ ୮୪ ପଞ୍ଚାୟତ ୪୨୧ ଗ୍ରାମର ୩,୭୮,୭୯୦ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ । ସେଥିମଧ୍ୟରୁ ବାଲିଶଙ୍କରା ବ୍ଲକର ୧୯ ପଞ୍ଚାୟତ ଅନ୍ତର୍ଗତ ୮୫ ଗ୍ରାମରେ ପ୍ରାୟ ୮୭,୯୮୦ ଜଣ ଲୋକ, ଲେଫ୍ରିପଡ଼ା ବ୍ଲକ ଅଧୀନରେ ନଥିବା ୧୩ ପଞ୍ଚାୟତ ଅନ୍ତର୍ଗତ ୭୬ ଗ୍ରାମର ପ୍ରାୟ ୪୮,୯୨୫ ଜଣ, ଟାଙ୍ଗରପାଲି ବ୍ଲକ ୧୩ ପଞ୍ଚାୟତର ୭୩ ଗ୍ରାମର ପ୍ରାୟ ୬୩,୬୭୩ ଜଣ, ସୁନ୍ଦରଗଡ଼ ବ୍ଲକ ୧୬ ପ୍ୟଚାୟତର ୮୫ ଗ୍ରାମର ୭୧,୦୮୨, ବରଗାଁ ବ୍ଲକ ୯ ପଞ୍ଚାୟତର ୪୨ ଗ୍ରାମର ପ୍ରାୟ ୪୪,୮୫୫ ଏବଂ ସବଡେଗା ବ୍ଲକ ୧୪ ପଞ୍ଚାୟତର ୬୦ ଗ୍ରାମର ପ୍ରାୟ ୬୨,୨୭୫ ଜଣ, ଲୋକ ଏହି ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ଉପକୃତ ହେବେ ।

## ମହିଳା ଚାଷୀ ସୁଷମା ପ୍ରଧାନ ସମ୍ମାନିତ

ଝାରସୁଗୁଡ଼ା: ରାଷ୍ଟ୍ରୀୟ କୃଷି ଏବଂ ଗ୍ରାମ୍ୟ ବିକାଶ ବ୍ୟାଙ୍କ (ନାବାର୍ଡ)ର ୪୦ ତମ ପ୍ରତିଷ୍ଠା ଦିବସ ଅବସରରେ ଜିଲ୍ଲାର ଉପାନ୍ତ ଲଖନପୁର ବ୍ଲକ ପଞ୍ଚଗାଁ ପଞ୍ଚାୟତ ସୁକୁଲପାଲି ଗ୍ରାମର ସଫଳ ମହିଳା ଚାଷୀ ସୁଷମା ପ୍ରଧାନଙ୍କୁ ସମ୍ମାନିତ କରାଯାଇଛି । ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝୀ, ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ ସାହୁ, ନାବାର୍ଡ ଏଜିଏମ୍ ସୁଧାଂଶୁ ଶେଖର ଚାଉଳିଆ, ଏଲଡିଏମ୍ ଅଜିତ କେରକେଟ୍ଟା, ଆଜ୍‌କା ମୁଖ୍ୟ ଗୌତମ ବେହେରା ପ୍ରମୁଖ ଯୋଗ ଦେଇ ମହିଳା ଚାଷୀ ସୁଷମା ପ୍ରଧାନଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ । ନାବାର୍ଡ ସହାୟତାରେ ଆଜ୍‌କା ଦ୍ୱାରା ଗଠିତ ସଂକଳ୍ପ କୃଷକ ଉତ୍ପାଦକ ଗୋଷ୍ଠୀର ଏହି ସଦସ୍ୟା ଚାଷୀ ସୁଷମା ଜିଲ୍ଲା ଖଣିଜ ପ୍ରତିଷ୍ଠାନର ସହଯୋଗରେ ଏକ ଏକର ଜମିରେ କଦଳୀ ଚାଷ କରି ବେଶ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲେ । ୧୨ ଶହ କଦଳୀ ଗଛ ରୋପଣ କରି ସେ ୧୧ ମାସ ପରେ ଉତ୍ପାଦିତ କଦଳୀ ବିକ୍ରି କରି କରୋନାର ପ୍ରତିକୂଳ ବଜାର ବ୍ୟବସ୍ଥା ଭିତରେ ବି ଲାଭବାନ ହୋଇ ପାରିଥିଲେ । ବର୍ଷକ ଭିତରେ ସେ ପ୍ରାୟ ୧ ଲକ୍ଷ ୪୫ ହଜାର ଟଙ୍କା ଲାଭ କରିଥିବା କହିଛନ୍ତି । ତାଙ୍କର ଏହି ସଫଳତା ଅନ୍ୟ ମାନଙ୍କ ପାଇଁ ଅନୁକରଣୀୟ ହୋଇ ପାରିଛି । ଜନ ଜୀବନର ସାମାଜିକ ଓ ଅର୍ଥନୈତିକ ସମୃଦ୍ଧିରେ ତାଙ୍କର ଉଲ୍ଲେଖନୀୟ ଭୂମିକା ଲାଗି ନାବାର୍ଡ ପକ୍ଷରୁ ସମ୍ମାନିତ କରାଯାଇଛି ।

## ଏଫ୍‌ସିଆଇ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡିର ଧାରଣା



ଝାରସୁଗୁଡ଼ା: ବ୍ରଜରାଜନଗର ବିଧାୟକ କିଶୋର କୁମାର ମହାନ୍ତିଙ୍କ ନେତୃତ୍ୱରେ ବାଲିଯୋରୀ ସ୍ଥିତ ଏଫ୍‌ସିଆଇ ଗୋଦାମ ସମ୍ମୁଖରେ ବିଜେଡି ପକ୍ଷରୁ ଧାରଣା ଦିଆଯାଇଛି । ଏହାସହ ବିଜେଡି ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏଫ୍‌ସିଆଇ ମେନେଜରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । କେନ୍ଦ୍ର ସରକାର ସେପ୍ଟେମ୍ବର ମାସ ସୁଦ୍ଧା ସମସ୍ତ ରବି ଫସଲ କ୍ରୟ କରନ୍ତୁ, ଚାଷୀଙ୍କୁ ଉପଯୁକ୍ତ ସମୟରେ ଧାନ, ବିହନ, ସାର, ଔଷଧ ଯୋଗାଣ କରନ୍ତୁ । ରାଜ୍ୟ ସରକାରଙ୍କ ବାକି ରଖିଥିବା ୭ ହଜାର କୋଟି ଟଙ୍କା ଅବିଳମ୍ବେ ପ୍ରଦାନ କରନ୍ତୁ, ଧାନର ସର୍ବନିମ୍ନ ମୂଲ୍ୟ ୨ହଜାର ୯ଶହ ୫୦ ଟଙ୍କା କରନ୍ତୁ. ଚାଷୀଙ୍କ ପେଟକୁ ଲାତ ମାରିବାର ନୀତି ବନ୍ଦ କରି ଓଡ଼ିଶା ସରକାରଙ୍କ ଠାରୁ ଧାନ କିଣନ୍ତୁ ବୋଲି ବିଜେଡି ପକ୍ଷରୁ ଦାବି କରାଯାଇଛି ।

## ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ କାର୍ଗିଲ ବିଜୟ ସପ୍ତାହ

ସୁନ୍ଦରଗଡ଼: କାର୍ଗିଲ ଯୁଦ୍ଧ ବିଜୟର ୨୨ ବର୍ଷ ପୂର୍ତ୍ତି ଉପଲକ୍ଷେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ଏନସିସି ତରଫରୁ କାର୍ଗିଲ ବିଜୟ ସପ୍ତାହ ପାଳନ ହେଉଛି । ଏହି ଅବସରରେ ମହାବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଏସ୍.ପି ସାଗରିକା ନାଥ ଯୋଗଦେଇ ଏନସିସି କ୍ୟାଡେଟମାନଙ୍କର ସାଇକେଲ ର୍‍ୟାଲିକୁ ପତାକା ଦେଖାଇ ଉଦଘାଟନ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଲଳିତ ରଂଜନ ସାହୁ ଛାତ୍ରୀ ଛାତ୍ରଙ୍କ ମଧ୍ୟରେ ଦେଶପ୍ରେମକୁ ଜାଗ୍ରତ ପାଇଁ କହିଥିଲେ । ର୍‍ୟାଲିରେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ, ସରକାରୀ ମହିଳା ମହାବିଦ୍ୟାଳୟ ଏନସିସି କ୍ୟାଡେଟମାନେ ଯୋଗଦେଇ ସହର ପରିକ୍ରମା କରିଥିଲେ । ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟର ଏନସିସି ଅଧିକାରୀ ସୁଧାଂଶୁ ଶେଖର ଚୌଧୁରୀ ଉପସ୍ଥିତ ରହିଥିଲେ । ସରକାରୀ ମହାବିଦ୍ୟାଳୟର ଏନସିସି ଅଧିକାରୀ ଲେଫ୍ଟନାଣ୍ଟ ଆର୍ଯ୍ୟ ବିଭାସ କୁମାର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ମହାବିଦ୍ୟାଳୟର ପ୍ରାଧ୍ୟାପିକା ଡକ୍ଟର କୁମୁଦିନୀ ରାଉତରାୟ, ବିଭୂତିଭୂଷଣ ସାହୁ, ଡକ୍ଟର ବିନୋଦ ବିହାରୀ ମଲ୍ଲିକ, ପ୍ରତାପ ତ୍ରିପାଠୀ, ପ୍ରଦୀପ କୁମାର ବହିଦାର, ଡକ୍ଟର ହରପ୍ରସାଦ ମହାପାତ୍ର, ନୂତନ କୁମାର ଖମାରୀ, ଆଞ୍ଜେଲିନା କିଣ୍ଡୋ, ପ୍ରଜ୍ଞା ପରମିତା ଦାଶ ପ୍ରମୁଖ ଯୋଗ ଦେଇଥିଲେ ।

## ଡିଏଭି ଛାତ୍ରୀ ଅର୍ଚ୍ଚନାଙ୍କ କମାଲ

ଝାରସୁଗୁଡ଼ା: ଝାରସୁଗୁଡ଼ା ଡିଏଭି ପବ୍ଲିକ୍ ସ୍କୁଲର ଦ୍ୱାଦଶ ଶ୍ରେଣୀରେ ଅଧ୍ୟୟନରତା ଛାତ୍ରୀ ଅର୍ଚ୍ଚନା ନାଏକ ଝାରସୁଗୁଡ଼ା ଡିଏଭି ଇତିହାସରେ ଏକ ନୂତନ ଫର୍ଦ୍ଦ ଯୋଡ଼ିଛନ୍ତି । ପ୍ରକାଶଯୋଗ୍ୟ ଅର୍ଚ୍ଚନା ନାଏକ ଯିଏକି ଝାରସୁଗୁଡ଼ା ଜିଲ୍ଲାରେ ସିବିଏସଇ ମ୍ୟାଟ୍ରିକ ବୋର୍ଡ ପରୀକ୍ଷାରେ ୯୮.୪ ପ୍ରତିଶତ ନମ୍ବର ରଖି ଜିଲ୍ଲା ଟପ୍‌ପର ହୋଇ ଜିଲ୍ଲାରେ ଚହଳ ସୃଷ୍ଟି କରିଥିଲେ । ନିକଟରେ ପ୍ରକାଶିତ ଏନ.ଟି.ଏସ.ଇ.ର ଷ୍ଟେଜ-୨ ପରୀକ୍ଷାରେ କୃତିତ୍ୱର ସହିତ ସର୍ବଭାରତୀୟ ସ୍ତରରେ ୨୦୬୦ ଜଣଙ୍କ ମଧ୍ୟରେ ସ୍ଥାନିତ ହୋଇ ଉତ୍ତୀର୍ଣ୍ଣ ହେବାରେ ସଫଳତା ପ୍ରାପ୍ତି ହୋଇଛନ୍ତି । ଝାରସୁଗୁଡ଼ା ଡିଏଭି ଇତିହାସରେ ଅର୍ଚ୍ଚନା ନାଏକ ପ୍ରଥମ ଥର ପାଇଁ ଏ ପ୍ରକାର ଗୌରବ ଆଣି ନିଜର, ନିଜ ପିତାମାତାଙ୍କ ଏବଂ ନିଜ ବିଦ୍ୟାଳୟର ମାନ ବୃଦ୍ଧି କରିଛନ୍ତି ।



ତାଙ୍କ ସଫଳତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶୁଭେଚ୍ଛୁବୃନ୍ଦ ଅର୍ଚ୍ଚନାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ମେଧାବୀ ଅର୍ଚ୍ଚନା ପାଣିପାଗ ବିଭାଗରେ କାର୍ଯ୍ୟରତ କିରନ କୁମାର ନାଏକ ଓ ସନ୍ଧ୍ୟା ସରିତା ପଟେଲଙ୍କ ସୁପୁତ୍ରୀ ଅଟନ୍ତି । ଭବିଷ୍ୟତରେ ଗବେଷଣା ସମ୍ବନ୍ଧୀୟ ଆହୁରି ସଫଳତା ପ୍ରାପ୍ତିଲାଗି ସଂକଳ୍ପ କରିଛନ୍ତି । ପ୍ରକାଶଯୋଗ୍ୟ, ଏନ.ଟି.ଏସ.ଇ. ସର୍ବଭାରତୀୟ ସ୍ତରରେ ଏକ ଉଚ୍ଚ ସମ୍ମାନାସ୍ପଦ ପରୀକ୍ଷା ଯହିଁରେ ଜାତୀୟ ସ୍ତରରେ ୨୦୬୦ ଜଣ ଛାତ୍ରଛାତ୍ରୀ କୃତିତ୍ୱ ହାସଲ କରିଛନ୍ତି ଏବଂ ଅର୍ଚ୍ଚନା ସେମାନଙ୍କ ମଧ୍ୟରୁ ଜଣେ ଏହି ସମ୍ମାନର ଅଧିକାରୀ ଭାବେ ନିଜକୁ ସ୍ଥାନିତ କରିପାରିଛନ୍ତି । ଭବିଷ୍ୟତରେ ଗବେଷଣାତ୍ମକ ବିଭାଗରେ ନିଜ କ୍ୟାରିଅର ଗଢ଼ିବାର ଲକ୍ଷ୍ୟ ନେଇ ଆଗେ ବଢ଼ୁଥିବା କଥା ଅର୍ଚ୍ଚନା ପ୍ରତିକ୍ରିୟାରେ କହିଛନ୍ତି ।

## ୬.୪୫ କୋଟି ଟଙ୍କାର ସମ୍ପତ୍ତି ଠାବ

ସୁନ୍ଦରଗଡ଼: ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ସୁନ୍ଦରଗଡ଼ କ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ସୁଚିସ୍ମିତା ପାଠୀ ଓ ତାଙ୍କ ଅଧ୍ୟାପକ ସ୍ୱାମୀ ତଥା ଭବାନୀପାଟଣା ସରକାରୀ ପଲିଟେକନିକର ଭାରପ୍ରାପ୍ତ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ରାୟଙ୍କ ୫ଟି ଘରେ ଏକକାଳୀନ ଚଢ଼ଉ ହୋଇଛି । ଦମ୍ପତିଙ୍କ ୨ କୋଟି ୪୫ ଲକ୍ଷ ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ ହୋଇଛି । ଉକ୍ତ ସମ୍ପତ୍ତି ମଧ୍ୟରେ ୩ଟି ଦୁଇ ମହଲା କୋଠା, ଗୋଟିଏ ଛାତ ଲେବଲ କୋଠା, ଝାରସୁଗୁଡ଼ାରେ ୮ ଟି ଜମି ପ୍ଲଟ, ଗୋଟିଏ ଚାରି ଚକିଆ ଓ ଦୁଇ ଚକିଆ ଗାଡି, ୩୦ ଲକ୍ଷ ଟଙ୍କାର ବ୍ୟାଙ୍କ ଓ ପୋଷ୍ଟାଲ ଜମା, ୪୧ ଲକ୍ଷ ଟଙ୍କାର ବୀମା ଜମା ଓ ନଗଦ ଟଙ୍କା ସହ ସ୍ଥାବର ଅସ୍ଥାବର ସମ୍ପତ୍ତି ରହିଥିବା ଦୁର୍ନୀତି ନିବାରଣ ବିଭାଗ ସୂତ୍ରରୁ ଜଣାପଡିଛି । ରାଉରକେଲା ଦୁର୍ନୀତି ନିବାରଣ ବିଭାଗର ୫ ଜଣ ଡିଏସପି, ୩ ଜଣ ଇନ୍‌ସପେକ୍ଟର ଓ ଅନ୍ୟ କର୍ମଚାରୀମାନେ ତାଙ୍କର ସୁନ୍ଦରଗଡ଼, ଝାରସୁଗୁଡ଼ା, ଭବାନୀପାଟଣା, କେନ୍ଦ୍ରାପଡ଼ା ଓ ଭୁବନେଶ୍ୱରରେ ଥିବା ଘରେ ଚଢ଼ଉ କରିଥିଲେ ।

## ରାଜ୍ୟ ପ୍ରଦୂଷଣ ବୋର୍ଡର ସଞ୍ଚାଳନ ସମ୍ମତି

ସମ୍ବଲପୁର: ପୂର୍ବତଟ ରେଳପଥ ଅନ୍ତର୍ଗତ ସମ୍ବଲପୁର ରେଳ ମଣ୍ଡଳର ପରିବେଶ ୱିଙ୍ଗ ଦ୍ୱାରା ମନୋନୀତ ପଶ୍ଚିମ ଓଡ଼ିଶାର ୪ ଷ୍ଟେସନକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ସଞ୍ଚାଳନ ପାଇଁ ସମ୍ମତି ହାସଲ କରିଛି । ମନୋନୀତ ଷ୍ଟେସନ ମଧ୍ୟରେ ସମ୍ବଲପୁର, ବଲାଙ୍ଗୀର, ଟିଟିଲାଗଡ଼ ଓ କେସିଙ୍ଗା ରହିଛି । ଏହି ପରିପ୍ରେକ୍ଷୀରେ ଡିଇଏନଏଚଏମ ମୋହନୀମ ବ୍ରହ୍ମ ଓ ତାଙ୍କ ଟିମର ପ୍ରୟାସ ତଥା ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାରଙ୍କ ନେତୃତ୍ୱରେ ଏହି ଲକ୍ଷ୍ୟ ହାସଲ କରିବାରେ ସମ୍ବଲପୁର ରେଳ ମଣ୍ଡଳ ପୂର୍ବତଟ ରେଳପଥର ପ୍ରଥମ ମଣ୍ଡଳ । ଏହାଦ୍ୱାରା ଷ୍ଟେସନଗୁଡିକ ବାୟୁ ଓ ଜଳ ଅଧିନିୟମ (ପ୍ରଦୂଷଣର ନିରାକରଣ ଏବଂ ନିୟନ୍ତ୍ରଣ)ର ଆବଶ୍ୟକତା ପାଳନ କରିଥିବାରୁ ଏହି ଷ୍ଟେସନଗୁଡିକୁ ସଞ୍ଚାଳନ କରିବାକୁ ସମ୍ମତି ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ ଜଳ ଅଧିନିୟମ ୧୯୭୪ ଓ ବାୟୁ ଅଧିନିୟମ ୧୯୮୧ ଅନୁଯାୟୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରୁ ସଞ୍ଚାଳନ କରିବାକୁ ସମ୍ମତି ପାଇବା ବାଧ୍ୟତାମୂଳକ । ସଞ୍ଚାଳନ ପାଇଁ ସମ୍ମତିପ୍ରାପ୍ତ କରିବା ପ୍ରକ୍ରିୟାରେ ଆବଶ୍ୟକ ଦଲିଲ ଓ ନିର୍ଦ୍ଦିଷ୍ଟ ଶୁଳ୍କ ସହ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଏକ ନିର୍ଦ୍ଦିଷ୍ଟ ଫର୍ମାଟରେ ଆବେଦନ କରାଯାଇଥାଏ । ପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଜାରି ସର୍ତ୍ତଗୁଡିକର ଅନୁପାଳନ ସହ ଯାଞ୍ଚ କରିବା ପାଇଁ ରେଳ ଷ୍ଟେସନଗୁଡିକୁ ଯାଇ ନିରୀକ୍ଷଣ କରାଯାଇଥାଏ ।

# ଭାଗବତ /// ଗୁରୁ ସେବା

କୃଷ୍ଣ ଓ ରାମ ମିଶି ନନ୍ଦ - ଯଶୋଦାଙ୍କୁ ଦେଖାକଲେ । ନନ୍ଦଙ୍କ ବ୍ୟାକୁଳ ଅବସ୍ଥା ଦେଖି କୃଷ୍ଣଚନ୍ଦ୍ର ସଙ୍ଗେ ସଙ୍ଗେ ତାଙ୍କ ମନ ଭୁଲାଇବା ପାଇଁ କହିଲେ- 'ବାବା ! ମୁଁ ଚାଣୂର ସହିତ ଯୁଦ୍ଧ କରୁଥିବା ବେଳେ ହନୁମାନଙ୍କ ଦର୍ଶନ ପାଇଛି ।

ନନ୍ଦ ଏହା ଶୁଣି ଖୁସୀ ହୋଇଗଲେ । ସେ ମନେମନେ ଭାବିଲେ- ମୁଁ ହନୁମାନଙ୍କୁ ପ୍ରାର୍ଥନା କରିଥିବାରୁ ହନୁମାନ ମୋ ପୁଅକୁ ଦର୍ଶନଦେଇ ରକ୍ଷାକଲେ । ତା ନ ହୋଇଥିଲେ କ'ଣ ମୋର ପିଲା ଦିଇଟା ସେଇ ପର୍ବତାକାର ମଲ୍ଲଙ୍କ ଦାଉରୁ ରକ୍ଷା ପାଇଥାଆନ୍ତେ ?

ନନ୍ଦବାବା ଥିଲେ ଅତି ସରଳ ଲୋକ । ନନ୍ଦଙ୍କ ଭଳି ସରଳ ହେଲେ ଭଗବାନ ପୁଅ ହୋଇ ଘରକୁ ଯାଆନ୍ତି ।

କୃଷ୍ଣଚନ୍ଦ୍ର ନନ୍ଦଙ୍କୁ ଅଧିକ ଖୁସୀ କରିବାକୁ ଯାଇ କହିଲେ- 'ଲେଶକମାନେ ଯାହା କହୁଛନ୍ତି କହୁଥାଆନ୍ତୁ ପଛେ, ଆମେ କିନ୍ତୁ ସବୁବେଳେ ଆପଣଙ୍କର । ଆପଣ ହେଉଛନ୍ତି ମୋ ପିତା । ମୁଁ କଂସକୁ ମାରି ଦେବାରୁ ଜରାସନ୍ଧ ଦନ୍ତବକ୍ତ୍ର ଆଦିମାନେ ମୋର ଶତ୍ରୁ ହୋଇ ଯାଇଛନ୍ତି । ମୁଁ ଯଦି ଏପରି ସମୟରେ ଗୋକୁଳକୁ ଯାଏ ତେବେ ସେମାନେ ମୋ ସହିତ ଯୁଦ୍ଧ କରିବା ପାଇଁ ଗୋକୁଳକୁ ନିଶ୍ଚୟ ଯିବେ, ଆଉ ଗୋକୁଳର ସମସ୍ତ ଲୋକଙ୍କୁ ହିନସ୍ତା କରିବେ । ତେଣୁ ମୁଁ ଏଠାରେ କିଛି ଦିନ ରହି ସେହି ପରାକ୍ରମୀ ରାଜାଙ୍କୁ ପରାଭବ କରି ସାରିବା ପରେ ଗୋକୁଳକୁ ଯିବା ଠିକ୍ ହେବ । ମୋତେ କେବଳ ଆପଣଙ୍କ ଆଶୀର୍ବାଦ ଦରକାର । ଆପଣଙ୍କର ଆଶୀର୍ବାଦ ପାଇଲେ ମୁଁ ନିଶ୍ଚିତ ସଫଳମନୋରଥ ହୋଇ ପାରିବି । ଆପଣ ତେଣୁ ଆନନ୍ଦ ମନରେ ଏବେ ଗୋକୁଳକୁ ପ୍ରତ୍ୟାବର୍ତ୍ତନ କରି ମା'ଙ୍କର ସୁବିଧା ଅସୁବିଧା ଦେଖନ୍ତୁ, ଗାଈ ଓ ଗୋକୁଳବାସୀଙ୍କର ଯତ୍ନ ନିଅନ୍ତୁ । ତାଙ୍କ କହ୍ନେଇ ତାଙ୍କ ପାଖକୁ ଫେରି ଆସିବ ବୋଲି ମା'ଙ୍କୁ ବୁଝାଇ କହିବେ ।'

ପ୍ରେମରେ ଆଗ୍ରହ ଥାଏ, ଦୁରାଗ୍ରହ ନୁହେଁ ।

ନନ୍ଦ କହିଲେ- 'ବାପା ! ମୁଁ ଦୁରାଗ୍ରହ କରିପାରିବି କି ? ତୋ କଥାକୁ ମୁଁ ବିରୋଧ କରିପାରିବି କି ? ମୁଁ ତୋତେ ନୁହେଁ, ତୋ ସୁଖ ହିଁ କାମନା କରେ । ଆମେ ଆମ ସୁଖ ପାଇଁ ନୁହେଁ, ତୋ ସୁଖ ପାଇଁ ତୋତେ ପ୍ରେମ କରି ଆସିଛୁ । ଆମେ ଆମ ସୁଖ ପାଇଁ ଠାକୁରଙ୍କୁ ଭକ୍ତି କରିବା ଠିକ୍ ନୁହେଁ, ଠାକୁରଙ୍କ ସୁଖ ପାଇଁ ଭକ୍ତି କରୁଛେ ବୋଲି ସବୁବେଳେ ଭାବନା ରଖିଥିବା ଦରକାର ।

ନନ୍ଦ କହିଲେ- 'ମୁଁ ସବୁ ସମୟରେ ତୋର ସୁଖ ନିମନ୍ତେ ହିଁ ନାରାୟଣଙ୍କୁ ପ୍ରାର୍ଥନା କରୁଥାଏ । ଯାହା କଲେ ତୋର ମଙ୍ଗଳ ହେବ ସେପରି ହିଁ କର । ହେଲେ, କେତେବେଳେ ଟିକିଏ ନିଶ୍ଚୟ ବ୍ରଜକୁ ଆସିବୁ ।

ନନ୍ଦଙ୍କର ଏପରି ଅପୂର୍ବ ସୁନ୍ଦର କଥା ଶୁଣି କୃଷ୍ଣଚନ୍ଦ୍ର କହିଲେ ହଁ ହଁ ! ମୁଁ ନିଶ୍ଚୟ ଯିବି । ମୋ ଗାଈ ଗୁଡିକଙ୍କର ଠିକ୍ ଯତ୍ନ ନେଉଥିବେ ।

ଗୋକୁଳରେ କୃଷ୍ଣ ହେଉଛନ୍ତି ଅନୁପମ । ତାଙ୍କ ସ୍ୱରୂପ ଦିବ୍ୟ ଏବଂ ଆନନ୍ଦ ଅଲୌକିକ । କିନ୍ତୁ ତତ୍ତ୍ୱଦୃଷ୍ଟିରୁ ଦେଖିଲେ ଗୋକୁଳର କୃଷ୍ଣ ଓ ମଥୁରାର କୃଷ୍ଣ ହେଉଛନ୍ତି ଏକ ଅଭିନ୍ନ ।

ସଦଗୁରୁଙ୍କ ସେବା ଠାକୁରଙ୍କୁ ମଧ କରିବାକୁ ହୋଇଥାଏ । ଗୁରୁବାଦର ଆଦର୍ଶ ସ୍ଥାପନା କରିବାକୁ ଯାଇ କୃଷ୍ଣଚନ୍ଦ୍ର କ୍ଷିପ୍ରା ନଦୀ ତୀରବର୍ତ୍ତୀ ଉଜ୍ଜୟିନୀ କ୍ଷେତ୍ରସ୍ଥ ସାନ୍ଦୀପନି ଋଷିଙ୍କ ଆଶ୍ରମରେ ବିଦ୍ୟାଗ୍ରହଣ ପାଇଁ ଗଲେ ।

ସୁପାତ୍ର ସନ୍ଥ ସେବା ନ କରିବା ପର୍ଯ୍ୟନ୍ତ ଈଶ୍ୱରଙ୍କ କୃପା ମିଳେନାହିଁ । କୌଣସି ତପସ୍ୱୀ ବା ପବିତ୍ର ସନ୍ଥଙ୍କର ସେବା ଧନ, ତନ, ମନ ଲଗେଇ ଯଦି କରାଯାଏ ତେବେ ତାଙ୍କର ଅନ୍ତରସ୍ଥ ଆଶୀର୍ବାଦ ମିଳେ । ମଣିଷଙ୍କ ପାଇଁ ଏପରି ସନ୍ଥ ସେବା ନିହାତି ଆବଶ୍ୟକ । ସେବାଦ୍ୱାରା ପ୍ରାପ୍ତ ହୋଇଥିବା ବିଦ୍ୟା ସଫଳ ହୁଏ । ପୁସ୍ତକ ପାଠକରି ପାଇଥିବା ଜ୍ଞାନ ଧନ ଓ ପ୍ରତିଷ୍ଠା ହୁଏତ ଦେଇପାରେ, ମାତ୍ର ମନରେ ଶାନ୍ତି କଦାପି ଦେଇପାରେ ନାହିଁ । ସନ୍ଥମାନେ କେବଳ କଥା କହି ନୁହେଁ, ମୌନ ରହି ମଧ ଉପଦେଶ ଦେଇପାରନ୍ତି । ସନ୍ଥଙ୍କ ପ୍ରତ୍ୟେକ ବ୍ୟବହାର ଜ୍ଞାନ ଓ ଭକ୍ତିରେ ପରିପୂର୍ଣ୍ଣ ହୋଇ ରହିଥାଏ । କେବଳ ସ୍ୱ-ପ୍ରଯତ୍ନରେ ପ୍ରାପ୍ତ ହୋଇଥିବା ବିଦ୍ୟା ଅଭିମାନ ହିଁ ଆଣିଥାଏ । ପବିତ୍ର ସନ୍ଥଙ୍କ ସେବାକରି ପ୍ରାପ୍ତ ହୋଇଥିବା ବିଦ୍ୟା ବିନୟ ଓ ବିବେକ ଆଣିଥାଏ ।

ଶ୍ରୀକୃଷ୍ଣ ଗୁରୁଙ୍କ ପାଇଁ ବଣରୁ କାଠ, ସମିଧ ଆଣୁଥିଲେ, ପାଣି ବି ଆଣୁଥିଲେ ।

ପ୍ରାଚୀନ କାଳର ଗୁରୁମାନେ ସ୍ୱଭାବତଃ ବିରକ୍ତ ଥିଲେ । ତେଣୁ ସେମାନଙ୍କ ଶିଷ୍ୟମାନେ ମଧ ସେହିଭଳି ହୋଇ ପାରୁଥିଲେ । ବୈରାଗ୍ୟ ବିନା ବିଦ୍ୟା ଶୋଭା ପାଏ ନାହିଁ । ବିଦ୍ୟାଧୟନ ସମୟରେ ବିଦ୍ୟାର୍ଥୀ ଯଦି ବିଳାସୀ ଜୀବନ ଅତିବାହିତ କରେ ତେବେ ବିଦ୍ୟା ନଷ୍ଟ ହୋଇଯାଏ । ଭଗବାନଙ୍କର ବିଦ୍ୟାର୍ଥୀ ଜୀବନ ଥିଲା ଅତି ସଂଯମୀ ।

ଗୁରୁଙ୍କର ସଦଗୁଣ, ଅବଗୁଣ, ଭୁଲ ଓ ଠିକ୍ ଚିନ୍ତାଧାରା ସମସ୍ତ କଥା ବିଦ୍ୟାର୍ଥୀଙ୍କ ଚରିତ୍ରରେ ପ୍ରତିଫଳିତ ହୋଇଯାଏ । ଆଜିକାଲିର ପ୍ରଫେସରମାନେ ବିଳାସୀ ହୋଇ ଯାଇଥିବାରୁ ଛାତ୍ରମାନେ ବିଳାସୀ ହୋଇ ଯାଉଥିବା ସ୍ୱାଭାବିକ କଥା । ବିଳାସୀ ଗୁରୁ ଶଙ୍କର ଭାଷ୍ୟ ପଢ଼ାଇବା ଏକ ପ୍ରକାର ନିରର୍ଥକ ହୋଇଥାଏ ।



ବିଦ୍ୟାର୍ଥୀ ବ୍ୟବସ୍ଥାରେ ସଂଯମୀ ହେବା ଅତି ଆବଶ୍ୟକ ।

ଆଜିକାଲି ପଇସା ରୋଜଗାର କରିବା ପାଇଁ ପାଠ ପଢ଼ା ହେଉଛି । ସାଂସାରିକ ବନ୍ଧନରୁ ମୁକ୍ତ ହେବା ପାଇଁ କୌଣସି ଠାରେ ବିଦ୍ୟା ଶିକ୍ଷା ଦିଆ ଯାଉ ନାହିଁ । ଗାଁ ମାନଙ୍କରେ ପାଠ ପଢ଼ାଇବାର ସୁବ୍ୟବସ୍ଥା ନାହିଁ । ଆଉ ସହରମାନଙ୍କରେ ପଇସା ରୋଜଗାର କରିବା ପାଇଁ ବିଦ୍ୟା ବ୍ୟତୀତ ଆଉ କିଛି ବିଦ୍ୟା ଶିକ୍ଷା ଦିଆ ହୁଏନାହିଁ । ବର୍ତ୍ତମାନ ସମାଜରୁ ଆତ୍ମବିଦ୍ୟା, ଆଧାତ୍ମିକ କଥା ସମ୍ପୂର୍ଣ୍ଣ ଲୋପ ପାଇଗଲାଣି । ଆତ୍ମାର ପରମାତ୍ମାଙ୍କ ସହିତ ସମ୍ବନ୍ଧ କଥା କୌଣସି ଠାରେ ବି ପଢ଼ା ହେଉ ନାହିଁ । ଜ୍ଞାନ ବଢ଼ିବାରେ ଲାଗିଛି, ହେଲେ ବିଦ୍ୟା ଧୀରେ ଧୀରେ ଲୋପ ପାଇବାରେ ଲାଗିଛି । କେବଳ ଛନ୍ଦକପଟ ଆଚରଣ ନିମନ୍ତେ ଜ୍ଞାନକୁ ବ୍ୟବହାର କରା ହେଉଛି ।

ସା ବିଦ୍ୟା ଯା ବିମୁକ୍ତୟେ । ପ୍ରଭୁଙ୍କ ପାଦପଦ୍ମକୁ ଯାହା ନେଇଯାଇ ପାରେ ତାହା ହିଁ ବିଦ୍ୟା । ଯଥାର୍ଥ ବିଦ୍ୟା ମୁକ୍ତି ପ୍ରଦାନ କରିଥାଏ ।

ଗୁରୁକୁଳକୁ ପଢ଼ିବା ପାଇଁ ଆସିଥିବା ଜଣେ ଗରିବ ବ୍ରାହ୍ମଣ ବାଳକ ସହିତ କୃଷ୍ଣଚନ୍ଦ୍ରଙ୍କର ଘନିଷ୍ଠ ମିତ୍ରତା ହୋଇ ଯାଇଥିଲା । ସେହି ବ୍ରାହ୍ମଣ ସୌରାଷ୍ଟ୍ରର ବାସିନ୍ଦା ଥିଲେ । ଆଉ ତାଙ୍କ ନାମ ଥିଲା ସୁଦାମା । ଶ୍ରୀକୃଷ୍ଣଙ୍କର ଅନ୍ୟ କୌଣସି ମିତ୍ରଙ୍କ କଥା ଉଲ୍ଲେଖ ନାହିଁ ।

ସୁଦାମାର ଅର୍ଥ ଇନ୍ଦ୍ରିୟଙ୍କୁ ଯେ ଦମନ, ନିଗ୍ରହ କରିଥାଏ । ଇନ୍ଦ୍ରିୟଙ୍କୁ ଦମନ ନ କରିବା ପର୍ଯ୍ୟନ୍ତ ନା ବିଦ୍ୟା ମିଳେ ନା ବିଦ୍ୟାର ଫଳ । ବିଦ୍ୟାର୍ଥୀ ନିମନ୍ତେ ଇନ୍ଦ୍ରିୟଦମନ ଅତି ଆବଶ୍ୟକ । ଏହାକୁ ସୂଚାଇ ଦେବା ପାଇଁ ସମ୍ଭବତଃ ଭାଗବତରେ କୃଷ୍ଣଚନ୍ଦ୍ରଙ୍କର ଅନ୍ୟ କୌଣସି ସହପାଠୀଙ୍କ ନାମ ଉଲ୍ଲେଖ ନାହିଁ ।

ସୁଦାମାଙ୍କ ସହିତ ମୈତ୍ରୀ କରିଥିବା ଲୋକ ହିଁ କେବଳ ସରସ୍ୱତୀଙ୍କ ପୂଜା କରିପାରେ । ସୁଦାମା ସେପରି ସଂଯମୀ ବ୍ୟକ୍ତିଙ୍କୁ କୁହାଯାଏ ଯେ କି ପରମାତ୍ମାଙ୍କୁ ଲାଭ କରିବା ପାଇଁ ଇଚ୍ଛା କରିଥାଏ ।

ପରମାତ୍ମାଙ୍କ ଦର୍ଶନ ନିମନ୍ତେ ସଂଯମ ବିନା ବିଦ୍ୟାପ୍ରାପ୍ତ ହୋଇପାରେ ନାହିଁ । ସଂଯମ ବିନା ଜୀବନ ଦିବ୍ୟ ହୋଇପାରେ ନାହିଁ । ସଂଯମ ଓ ବୈରାଗ୍ୟ ବଢ଼ାଉଥିବା ଦରକାର । ତ୍ୟାଗ କରି ଦେଇଥିବା ବିଷୟର ଭୋଗ ନିମନ୍ତେ ଇଚ୍ଛା ଆଉଥରେ କଦାପି କରିବା ଉଚିତ ନୁହେଁ ।

ଶାସ୍ତ୍ର ଆଉ ଈଶ୍ୱର ଜୀବ ଓ ପଶୁଙ୍କ ପାଇଁ ନୁହେଁ, ମଣିଷଙ୍କ ପାଇଁ ସୃଷ୍ଟି ହୋଇଛି ।

ଆମେ ଯଦି ସୁଦାମାଙ୍କ ସହିତ ମୈତ୍ରୀ କରିବା ତେବେ ଆମେ ଦ୍ୱାରକାନାଥଙ୍କ ଦର୍ଶନ ପାଇ ପାରିବା । ସର୍ବୋତ୍ତମ ସଂଯମର ସାକ୍ଷାତ ସ୍ୱରୂପ ହେଉଛନ୍ତି ସୁଦାମା । ମନ ଉପରେ ସବୁବେଳେ ଅଙ୍କୁଶ ଧରି ରଖିଥିବା ଉଚିତ ।

ଆତ୍ମତତ୍ତ୍ୱକୁ ଯେ ସନ୍ଦୀପନ କରିପାରେ ସେ ହିଁ ସନ୍ଦୀପନି ନାମରେ ପରିଚିତ ହୋଇଥାଏ । ସେ ହିଁ କେବଳ ଗୁରୁ ହୋଇଯାଏ । ସଦଗୁରୁ ବାହାରୁ କିଛି ବୋଲି କିଛି ଆଣି ଦିଅନ୍ତି ନାହିଁ । ଯାହା ଭିତରେ ଥାଏ ତାହାକୁ କେବଳ ଜାଗ୍ରତ କରାଇ ଥାଆନ୍ତି ।

ଶ୍ରୀକୃଷ୍ଣଙ୍କୁ ମଧ ଗୁରୁବାଦ ଭିତରେ ପ୍ରବେଶ କରିବାକୁ ପଡିଥିଲା । ପୃଥିବୀରେ ଜନ୍ମହେଲେ ଗୁରୁ ନିଶ୍ଚିତ ରୂପେ କରିବାକୁ ପଡେ । ଭଗବାନ ସୁଦାମାଙ୍କ ସହିତ ମୈତ୍ରୀକଲେ, ଅର୍ଥାତ୍ ସୁଦାମାଙ୍କ ସହିତ ମୈତ୍ରୀକରି ସଦାଚାର ପୂର୍ଣ୍ଣ ଜୀବନ ଅତିବାହିତ କଲେ । ସଂସାରରେ ରହି ବ୍ରହ୍ମଚର୍ଯ୍ୟ ପାଳନ କରିବା ଅତି କଠିନ କଥା । ସାତ୍ତ୍ୱିକ ବାତାବରଣ ହୃଦୟକୁ ପରିବର୍ତ୍ତନ କରେ । ଦୂଷିତ ବାତାବରଣ ନାନା ବିଭ୍ରାନ୍ତି ସୃଷ୍ଟିକରେ ।

ଶ୍ରୀକୃଷ୍ଣ ସ୍ୱୟଂ ଭଗବାନ । ତେବେ ବି ଗୁରୁସେବା କରି ସେ ଜଗତକୁ ଗୁରୁବାଦର ଆଦର୍ଶରେ ଅନୁପ୍ରାଣିତ କରିଛନ୍ତି ।

ପିତା ପୁତ୍ରର ବଂଶକୁ ବିନ୍ଦୁବଂଶ ଓ ଗୁରୁ ଶିଷ୍ୟର ବଂଶକୁ ନାଦବଂଶ କୁହାଯାଏ । ନାଦବଂଶ ବିନ୍ଦୁବଂଶ ଠାରୁ ଅଧିକ ଉତ୍ତମ- ଶ୍ରେଷ୍ଠ ।

ବିଦ୍ୟାଭ୍ୟାସ ସରିବା ପରେ ଶ୍ରୀକୃଷ୍ଣ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରିବା କଥା । ସେ ଗୁରୁଦକ୍ଷିଣା ଦେବାକୁ ଇଚ୍ଛାକଲେ । ସାନ୍ଦୀପନି କହିଲେ କ୍ଷିପ୍ରା ନଦୀ ତୀରବର୍ତ୍ତୀ ମୋର ଏହି ଆଶ୍ରମରେ ପ୍ରଚୁର ଫଳମୂଳ ମିଳୁଛି । ଆଉ ଆଶ୍ରମର ଅଧିକ ଆବଶ୍ୟକତା କିଛି ନାହିଁ । ତେଣୁ ମୋର ଦକ୍ଷିଣାର କୌଣସି ପ୍ରୟୋଜନ ନାହିଁ ।

ଗୁରୁଦେବଙ୍କର ଠାରୁ ଏପରି କଥା ଶୁଣି ଶ୍ରୀକୃଷ୍ଣ କହିଲେ- ଗୁରୁଦେବ । ଆପଣ ଯାହା କହିଲେ ତାହା ଠିକ୍ । ମାତ୍ର ଗୁରୁଦକ୍ଷିଣା ନ ଦେଲେ ଆମର ବିଦ୍ୟା ଅସଫଳ ରହିଯିବ । ଆମେ ତାକୁ କୌଣସି ବ୍ୟବହାରରେ ଲଗେଇ ପାରିବୁ ନାହିଁ । ତେଣୁ ଆପଣ ଆମକୁ କିଛି ମାଗିବା ଉଚିତ ।

ସାନ୍ଦୀପନି କହିଲେ- 'ମୋର ଗୋଟିଏ କଥା ମନେ ରଖିଥିବ । ଜୀବନକାଳ ମଧରେ ଯଦି ତୁମେ କୌଣସି ସୁପାତ୍ର ବିଦ୍ୟାର୍ଥୀ ପାଅ ତେବେ ତାକୁ ଯଥାର୍ଥ ବିଦ୍ୟାଦାନ କରି ବିଦ୍ୟାବଂଶକୁ ବଢ଼ାଇବ । ଜ୍ଞାନଦାନରେ କୃପଣତା କଦାପି କରିବ ନାହିଁ । ଶିଷ୍ୟ ପରମ୍ପରା ବୃଦ୍ଧିକରି ବିଦ୍ୟାଦାନ ହିଁ କରୁଥିବ । ଏତିକି ମାତ୍ର ମୁଁ ତୁମଠାରୁ ଇଚ୍ଛାକରେ ।

ଗୁରୁଙ୍କୁ ଶ୍ରୀକୃଷ୍ଣ କଥା ଦେଲେ । ଏହା ପରଠାରୁ ସେ ଗୁରୁଙ୍କୁ ଦେଇଥିବା କଥା ଅକ୍ଷରେ ଅକ୍ଷରେ ପାଳନ କରିଥିଲେ । ସେ ସୁପାତ୍ର ବିଦ୍ୟାର୍ଥୀ ରୂପେ ଅର୍ଜୁନଙ୍କୁ ପାଇଥିଲେ । ସାମାନ୍ୟମାତ୍ର କୃପଣ ନ ହୋଇ ଯୁଦ୍ଧକ୍ଷେତ୍ରରେ ଅର୍ଜୁନଙ୍କୁ ସମସ୍ତ ଗୀତାତତ୍ତ୍ୱ ପ୍ରଦାନ କରିଥିଲେ । ପ୍ରତିବଦଳରେ ସେ ଅର୍ଜୁନଙ୍କ ଠାରୁ କିଛି ବୋଲି କିଛି ନେଇ ନ ଥିଲେ । ଅପରପକ୍ଷରେ ସେ ଅର୍ଜୁନଙ୍କର ଅମାପ ସେବା କରିଥିଲେ, ଏପରିକି ଅର୍ଜୁନଙ୍କ ଘୋଡ଼ାମାନଙ୍କର ମଧ ସେବା କରିଥିଲେ । ମହାଭାରତରେ ଲେଖା ହୋଇଛି- ରାତ୍ରି ସମୟରେ ଅର୍ଜୁନ କ୍ଳାନ୍ତ ହୋଇ ଶୋଇ ଯାଉଥିଲେ । ସେତେବେଳେ ଶ୍ରୀକୃଷ୍ଣ ଚେଇଁରହି ଅର୍ଜୁନଙ୍କ ସେବା କରୁଥିଲେ । ଘୋଡ଼ାଙ୍କର ସେବା ଶୁଶ୍ରୁଷା କରୁଥିଲେ । ଘୋଡ଼ାଙ୍କର କ୍ଷତ ସ୍ଥାନରେ ଔଷଧ ପଥି ଲଗାଉଥିଲେ ।

ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ନିଜର ଗୁରୁ ବୋଲି ମନେ କରୁଥିଲେ । ହେଲେ କୃଷ୍ଣଚନ୍ଦ୍ର ତାଙ୍କୁ କେତେବେଳେ ବି ଶିଷ୍ୟ ବୋଲି କହିନାହାନ୍ତି ସଖା ବୋଲି ହିଁ ସବୁ ସମୟରେ ସମ୍ବୋଧନ କରିଛନ୍ତି । ଜ୍ଞାନୋପଦେଶ ଦେଲେ, ହେଲେ ପ୍ରତିବଦଳରେ ଗୁରୁ ଦକ୍ଷିଣା ନେଇ ନାହାନ୍ତି ।

ଗୁରୁ ନିରପେକ୍ଷ ହୋଇଥିବା ଦରକାର । ଶିଷ୍ୟ ମଧ ନିଷ୍କାମ ହୋଇଥିବା ଦରକାର ।

ଆଜିକାଲି ତ ସମସ୍ତେ ଦୁଇ ହାତରେ ଭାଗ ସମ୍ପତ୍ତି ଉପରେ ଅଧିକାର ସାବ୍ୟସ୍ତ କରିବାରେ ଲାଗିଛନ୍ତି । କୌଣସି ସାଧୁ ସନ୍ନ୍ୟାସୀଙ୍କ ସମ୍ପର୍କରେ ଆସି, କିଛି ଆଶୀର୍ବାଦ ମାଧମରେ ଧନ ସମ୍ପତ୍ତି ପ୍ରତିଷ୍ଠା, ସନ୍ତାନ ଆଦି ପାଇବା ପାଇଁ ବ୍ୟଗ୍ର ହୋଇ ଉଠନ୍ତି । କିନ୍ତୁ ପ୍ରକୃତ ସାଧୁ ସାଂସାରିକ ବିଷୟ ବାସନାର ବୃଦ୍ଧି ନିମନ୍ତେ କଦାପି ଆଶୀର୍ବାଦ ଦିଅନ୍ତି ନାହିଁ । ପ୍ରକୃତ ଗୁରୁ ଶିଷ୍ୟର ବିକାର ବାସନା ଦୂରକରି ଅଲୌକିକ ଭଜନାନନ୍ଦ ହିଁ ପ୍ରଦାନ କରିଥାନ୍ତି ।

# ଆଭ୍ୟନ୍ତରୀଣ ଓଡ଼ିଶାରେ ଇଣ୍ଟରନେଟ

**ଡକ୍ଟର ପ୍ରଦୀପ ମହାପାତ୍ର**

ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

'କୋଭିଡ୍-୧୯' ମହାମାରୀ କାଳରେ ଦୂରାବସ୍ଥାନ ନୀତି ପ୍ରଚଳନ ହେତୁ ବ୍ୟବସାୟ, ସ୍ୱାସ୍ଥ୍ୟ, ଶିକ୍ଷା, ପ୍ରଶାସନଠାରୁ ଆରମ୍ଭ କରି ମନୋରଞ୍ଜନ ଯାଏଁ ବିଭିନ୍ନ କ୍ଷେତ୍ରରେ ଇଣ୍ଟରନେଟ ଭିତ୍ତିକ କାର୍ଯ୍ୟଧାରା ଗୁରୁତ୍ୱ ବହନ କରିଥିଲା । ବିକଶିତ ରାଷ୍ଟ୍ରଗୁଡ଼ିକରେ ମହାମାରୀ-ପୂର୍ବାବସ୍ଥାରୁ ଇଣ୍ଟରନେଟ ପ୍ରସାର ଓ ବ୍ୟବହାର ପ୍ରାୟତଃ ପୂର୍ଣ୍ଣବିକଶିତ ହୋଇସାରିଥିବା କାରଣରୁ ସେଠାକାର ଜନଜୀବନ ଅପେକ୍ଷାକୃତ ଭାବେ ସୁରୁଖୁରୁରେ ଚାଲିଥିଲା । ତେବେ ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ସଂକୁଚିତ ଇଣ୍ଟରନେଟ ସଂଯୁକ୍ତି ଏବଂ ବହୁ ସଂଖ୍ୟକ ନାଗରିକ ଇଣ୍ଟରନେଟ ବ୍ୟବହାରରେ ଅଭ୍ୟସ୍ତ ନ ଥିବା ହେତୁ ବିଭିନ୍ନ ସାମାଜିକ କ୍ଷେତ୍ରରେ ବିଘଟନ ସୂତ୍ରପାତ ହୋଇଥିଲା । ଆମ ଦେଶରେ ମାତ୍ର ୩୦ ପ୍ରତିଶତ ଜନସଂଖ୍ୟା ଇଣ୍ଟରନେଟ ଯୋଗେ ସଂଯୁକ୍ତ ହୋଇଥିବା ଫଳରେ ପରିବର୍ତ୍ତିତ ପରିବେଶରେ ନିଜକୁ ଖାପ ଖୁଆଇପାରି ନ ଥିଲେ ।

ଭାରତରେ ଇଣ୍ଟରନେଟ ବିକାଶ କ୍ଷେତ୍ରରେ ଗ୍ରାମାଞ୍ଚଳରେ ହାଇସ୍ପିଡ ଅପ୍‌ଟିକାଲ ଫାଇବର ଯୋଗେ ଇଣ୍ଟରନେଟ ସଂଯୁକ୍ତି ପ୍ରାଥମିକତା ଦାବି କରିଥାଏ । ଦେଶର ଅଢ଼େଇ ଲକ୍ଷ ଗ୍ରାମ ପଞ୍ଚାୟତକୁ ଇଣ୍ଟରନେଟ ସଂଯୋଗ ନିମନ୍ତେ ୨୦୧୧ରେ 'ନ୍ୟାସନାଲ ଅପ୍‌ଟିକ ଫାଇବର ନେଟୱାର୍କ' ପ୍ରକଳ୍ପ କେନ୍ଦ୍ର ସରକାରଙ୍କ ଦୂର ସଞ୍ଚାର ମନ୍ତ୍ରଣାଳୟ ପକ୍ଷରୁ ଆରମ୍ଭ କରାଯାଇଥିଲା । ତାହା ଦୀର୍ଘ ଦଶବର୍ଷ ଧରି ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି । ପୂର୍ବ ନିର୍ଦ୍ଧାରିତ ପ୍ରକଳ୍ପ କାର୍ଯ୍ୟଶେଷ ସମୟ ସୀମା ଇତି ମଧ୍ୟରେ ୨୦୨୧ ମଧ୍ୟଭାଗ ସୁଦ୍ଧା ୯୨ ମାସ ବିଳମ୍ବ ହୋଇଥିବା ହିସାବ କରାଯାଏ ।

ଆମ ଦେଶରେ ପାରମ୍ପରିକ ଭାବେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ପ୍ରକଳ୍ପ ଗୁଡ଼ିକ ବିଭିନ୍ନ କାରଣରୁ ଧାର୍ଯ୍ୟ ସମୟ ସୀମାରେ ରୂପାୟନ ସଂଭବ ହୋଇପାରି ନଥାଏ । ଏହି ବିଳମ୍ବକୁ ସରକାର କିମ୍ବା ଜନସାଧାରଣ କେହି ଗୁରୁତ୍ୱ ପ୍ରଦାନ କରିନଥାନ୍ତି । ତେବେ ମହାମାରୀ କାଳରେ ବିସ୍ତୃତ ଅଞ୍ଚଳରେ ଇଣ୍ଟରନେଟ ସଂଯୁକ୍ତି ଅଭାବ ହେତୁ ଜନସାଧାରଣଙ୍କ ମୌଳିକ ଜୀବନଧାରା ପରିଚାଳନାରେ ସମସ୍ୟା ଉପୁଜିଥିଲା । କେନ୍ଦ୍ର ସରକାରଙ୍କ ପକ୍ଷରୁ ଏଦିଗରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରସ୍ତୁତ ହେଉଥିବା ସୂଚନା ମିଳେ ।

'ନ୍ୟାସନାଲ ଅପ୍‌ଟିକ ଫାଇବର ନେଟୱାର୍କ' ଆଶାନୁରୂପ କାର୍ଯ୍ୟଦକ୍ଷତା ପ୍ରମାଣିତ ନ କରିପାରିବା ଫଳରେ ଏହି ପ୍ରକଳ୍ପକୁ 'ଭାରତନେଟ' ନାମିତ କରାଯାଇ ନୂତନ କାର୍ଯ୍ୟଧାରା ପ୍ରଚଳନ କରାଯାଇଥିଲା । 'ଭାରତ ନେଟ'ର ପ୍ରଥମ ପର୍ଯ୍ୟାୟରେ ୨୦୧୯ ସୁଦ୍ଧା ଏକ ଲକ୍ଷ ଗ୍ରାମପଞ୍ଚାୟତ ଓ ମାର୍ଚ୍ଚ ୨୦୨୦ ସୁଦ୍ଧା ଦେଢ଼ ଲକ୍ଷ ଗ୍ରାମ ପଞ୍ଚାୟତକୁ ହାଇସ୍ପିଡ୍ ଅପ୍‌ଟିକ ଫାଇବର ଯୋଗେ ଇଣ୍ଟରନେଟ ସଂଯୁକ୍ତି ପାଇଁ କାର୍ଯ୍ୟକ୍ରମ ପ୍ରଣୟନ କରାଗଲେ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟରେ ପହଞ୍ଚିବା ସଂଭବ ହୋଇପାରି ନ ଥିଲା । ମାର୍ଚ୍ଚ ୨୦୨୦ରେ ପ୍ରକଳ୍ପ ଶେଷ ସମୟ ସୀମାକୁ ଅଧିକା ୧୭ ମାସ, ଅଗଷ୍ଟ ୨୦୨୧ ଯାଏଁ ବଢ଼ାଇ ଦିଆଗଲା । ତେବେ ଏଥିରେ ମଧ୍ୟ ପୁନର୍ବାର ବିଫଳତା ସାମନା କରିବାକୁ ପଡୁଛି ।

'ଇଣ୍ଡିଆନ ଏକ୍ସପ୍ରେସ'ରେ ପ୍ରକାଶିତ ଏକ ସମ୍ବାଦ ଅନୁଯାୟୀ ୨୫ ଜୁନ ୨୦୨୧ ସୁଦ୍ଧା ଦେଶର ଦୁଇ ଲକ୍ଷ ପଚାଶ ହଜାର ଗ୍ରାମପଞ୍ଚାୟତ ମଧ୍ୟରୁ ମାତ୍ର ଏକ ଲକ୍ଷ ପଚାଶ ହଜାର ଗ୍ରାମ ପଞ୍ଚାୟତରେ ଇଣ୍ଟରନେଟ ସଂଯୁକ୍ତି ସଂଭବ ହୋଇଛି । ଏତଦ୍ ବ୍ୟତୀତ ମଧ୍ୟରୁ ଅଧିକା ୨୫ ହଜାର ଗ୍ରାମ ପଞ୍ଚାୟତରେ କେବୁଲ ବିଛାଇବା କାର୍ଯ୍ୟ ସରିଥିବା ସ୍ଥଳେ ବଳକା ୭୫ ହଜାର ଗ୍ରାମ ପଞ୍ଚାୟତରେ କେବୁଲ ବିଛାଇବା ସହ ଲକ୍ଷେ ଗ୍ରାମ ପଞ୍ଚାୟତ ପୂର୍ଣ୍ଣ-ଇଣ୍ଟରନେଟ ସଂଯୁକ୍ତି ଅପେକ୍ଷାରେ ରହିଛି । କୁହାଯାଉଛି ଯେ କେନ୍ଦ୍ର ସରକାରଙ୍କ ପକ୍ଷରୁ କଠୋର ପଦକ୍ଷେପରେ ଏହି କାର୍ଯ୍ୟ ଘରୋଇ ଠିକାଦାର ସହଯୋଗରେ ପବ୍ଲିକ-ପ୍ରାଇଭେଟ-ପାର୍ଟନର 'ପିପିପି' ମୋଡ଼ରେ ସାରିବା ନିମନ୍ତେ ଏକ ଉଚ୍ଚସ୍ତରୀୟ ବୈଠକରେ ୩୦ ଜୁନ ୨୦୨୧ରେ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ପ୍ରକାଶିତ ସମ୍ବାଦରେ ଆହୁରି ଦର୍ଶାଯାଇଛି ଯେ 'ଭାରତନେଟ'ର ସମସ୍ତ ଗ୍ରାମ ପଞ୍ଚାୟତକୁ ଇଣ୍ଟରନେଟ ସଂଯୁକ୍ତି ଲକ୍ଷ୍ୟରେ ବଳକା କାର୍ଯ୍ୟ ସାରିବା ନିମନ୍ତେ ପ୍ରାୟ ତିରିଶି ହଜାର କୋଟି ଟଙ୍କା ବ୍ୟୟ ହେବ । ଏହି କାର୍ଯ୍ୟଭାର ପ୍ରଦାନ ନିମନ୍ତେ ଆନ୍ତର୍ଜାତିକ ଟେଣ୍ଡର ପ୍ରକ୍ରିୟାର ଆଶ୍ରୟ ନିଆଯିବ । ଭାରତ ସରକାର ଡିଜିଟାଲ କାରିଗରୀ କୌଶଳ ବିକାଶକୁ ଅଗ୍ରାଧିକାର ଦେଉଥିବା ସ୍ଥଳେ ଦେଶର ଆଭ୍ୟନ୍ତରୀଣ ଅଞ୍ଚଳରେ ଇଣ୍ଟରନେଟ ସଂଯୁକ୍ତି ଅଭାବ ତଥା ସେଦିଗରେ ଉଦ୍ୟମର ବିଫଳତା ଉଦ୍‌ବେଗ ସୃଷ୍ଟି କରିବା ସ୍ୱାଭାବିକ । ଅପରପକ୍ଷେ ମହାମାରୀଜନିତ ପରିସ୍ଥିତିରେ ଇଣ୍ଟରନେଟ ସଂଯୁକ୍ତିର ସର୍ବାଧିକ ଗୁରୁତ୍ୱ ଅନୁଭୂତ ହେଉଥିଲେ ହେଁ ଏଦିଗରେ ସୁବିଧା ସୁଯୋଗର ଅଭାବ ଅସହାୟତା ପ୍ରମାଣିତ କରିଥାଏ । ପରିସ୍ଥିତି ସୁଧାରିବା ଉଦ୍ୟମରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଘରୋଇକରଣ ନୀତି ପ୍ରଣୟନ କରିଥିବା ବିଚାର କରାଯାଏ ।

'ଭାରତନେଟ'ର ପିପିପି ସୂତ୍ରରେ ହାଇସ୍ପିଡ୍ ଅପ୍‌ଟିକ ଫାଇବର ଯୋଗେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତକୁ ଇଣ୍ଟରନେଟ ସଂଯୋଗ ୧୬ ଗୋଟି ରାଜ୍ୟରେ ଅବଶିଷ୍ଟ କାର୍ଯ୍ୟ ଆରମ୍ଭ କରାଯିବା ଅବସରରେ ଓଡ଼ିଶା ସେଥିରେ ସାମିଲ ହେବ । ଇଣ୍ଟରନେଟ ସଂଯୋଗ କ୍ଷେତ୍ରରେ ଓଡ଼ିଶା ପଛୁଆ ରହିଆସିଛି । ଜାନୁୟାରୀ ୨୦୨୧ ଦ୍ୱିତୀୟ ସପ୍ତାହରେ 'ଭାରତ ନେଟ'ର ରାଜ୍ୟସ୍ତରୀୟ ବୈଠକରେ ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ୧୭୫ ବ୍ଲକ ଓ ୩୭୭୦ ଗ୍ରାମ ପଞ୍ଚାୟତକୁ ଇଣ୍ଟରନେଟ ପହଞ୍ଚି ସାରିଥିବା ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧୩୩ ବ୍ଲକ ଓ ୨୯୫୪ ଗ୍ରାମ ପଞ୍ଚାୟତକୁ ଇଣ୍ଟରନେଟ ସଂଯୋଗ କାମ ହାତକୁ ନିଆଯାଇଥିବା ତଥ୍ୟ ଉପସ୍ଥାପିତ କରାଯାଇଥିଲା ।

ଓଡ଼ିଶାରେ ଇଣ୍ଟରନେଟ ସଂଯୋଗ କ୍ଷେତ୍ରରେ ବାଲେଶ୍ୱର ଜିଲ୍ଲା ଆଗୁଆ ରହିଛି । ତା'ପରକୁ ଭଦ୍ରକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରପଡ଼ା, ପୁରୀ, ଖୋର୍ଦ୍ଧା ଓ କଟକ ଜିଲ୍ଲାର ସ୍ଥାନ । ଅପରପକ୍ଷେ କନ୍ଧମାଳ ଜିଲ୍ଲା ସର୍ବାପେକ୍ଷା ପଛୁଆ ଥିବା ସ୍ଥଳେ କ୍ରମାନ୍ୱୟରେ ରାୟଗଡ଼ା ଓ କୋରାପୁଟ ଜିଲ୍ଲାରେ ୧୬୪୨, ୧୪୯୮ ଓ ୧୦୨୦ ଗ୍ରାମରେ ଇଣ୍ଟରନେଟ ବ୍ୟବସ୍ଥା ନଥିବା ଜଣାଯାଏ । ମହାମାରୀ ପୂର୍ବରୁ ୨୦୧୯ ଜୁଲାଇ ୨୪ ତାରିଖରେ ଲୋକସଭାରେ ପ୍ରଦତ୍ତ ସରକାରୀ ତଥ୍ୟ ଅନୁଯାୟୀ ଓଡ଼ିଶାର ୪୭,୬୭୭ ରାଜସ୍ୱ ଗ୍ରାମ ମଧ୍ୟରୁ ୯,୯୪୦ରେ ଇଣ୍ଟରନେଟ ସୁବିଧା ଉପଲବ୍ଧ ନଥିଲା । ପରିବେଶ ପତ୍ରିକା 'ଡ଼ାଉନ-ଟୁ-ଆର୍ଥ'ରେ ପ୍ରକାଶିତ ଏକ ବିବରଣୀ ଅନୁଯାୟୀ ରାଜ୍ୟର ଇଣ୍ଟରନେଟ ଉପଭୋକ୍ତାଙ୍କ ମଧ୍ୟରେ ସହରାଞ୍ଚଳରେ ୮୩ ପ୍ରତିଶତ ଓ ଗ୍ରାମାଞ୍ଚଳରେ ୨୮ ପ୍ରତିଶତ ଅନ୍ତର୍ଭୁକ୍ତ । ଏପ୍ରିଲ ୨୦୨୧ ସୁଦ୍ଧା ଜାତୀୟ ସ୍ତରରେ ଟେଲି-ସାନ୍ଦ୍ରତା ୮୮.୭୭ ପ୍ରତିଶତ ଥିବା ସ୍ଥଳେ ଓଡ଼ିଶାରେ ଦଶ ପ୍ରତିଶତ କମ, ୭୮.୭୯ ପ୍ରତିଶତ ରହିଥିବା ଭାରତୀୟ ଟେଲିକମ ନିୟାମକ ପ୍ରାଧିକରଣ ରିପୋର୍ଟରୁ ଜଣାଯାଏ ।

ବିଳମ୍ବିତ ହେଲେ ସୁଦ୍ଧା ଦେଶ ତଥା ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳରେ ହାଇସ୍ପିଡ୍ ଅପ୍‌ଟିକ ଫାଇବର ଯୋଗେ ପ୍ରତ୍ୟେକ ପଞ୍ଚାୟତ ଓ ଗ୍ରାମକୁ ଇଣ୍ଟରନେଟ ସଂଯୁକ୍ତି ଗୁରୁତ୍ୱ ବହନ କରିଥାଏ । ମହାମାରୀ-ପର ପରିବର୍ତ୍ତିତ ପରିବେଶରେ ବାଣିଜ୍ୟ-ବ୍ୟବସାୟ ସାଙ୍ଗକୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ପ୍ରଶାସନରେ ଅନଲାଇନ ଉପସ୍ଥିତି ସାଧାରଣ ନାଗରିକଙ୍କ ପାଇଁ ଏକ ମୌଳିକ ଆବଶ୍ୟକତାରେ ପରିଣତ ହେବା ସୁସ୍ପଷ୍ଟ । ଘରୋଇ ଉଦ୍ୟୋଗରେ ଇଣ୍ଟରନେଟ ବ୍ୟବହାର ନିମନ୍ତେ ଡ଼ାଟା ଦର ଆଶାତୀତ ହ୍ରାସ ଦେଶରେ ଦେଖାଯାଉଥିବା ଇଣ୍ଟରନେଟ ବ୍ୟବହାର ବୃଦ୍ଧି ଏବଂ ୨୦୨୧ ଦ୍ୱିତୀୟାର୍ଦ୍ଧ ସୁଦ୍ଧା ସୁଲଭ ଦରରେ ସ୍ମାର୍ଟଫୋନ ଯୋଗାଣ ଭଳି ଆକର୍ଷଣୀୟ ସୁଯୋଗ ଉପଭୋକ୍ତାଙ୍କ ସଂଖ୍ୟାରେ ବ୍ୟାପକ ପରିବର୍ତ୍ତନର ସଙ୍କେତ ଦିଏ । ସର୍ବୋପରି ୫ଜି ଟେଲି ଯୋଗାଯୋଗ ବୈଷୟିକ କୌଶଳ ଇଣ୍ଟରନେଟ ଉପଯୋଗରେ ଅଭୂତପୂର୍ବ ପରିବର୍ତ୍ତନର ସୂତ୍ରଧର ସାଜିବା ନିଶ୍ଚିତ । ଏହି ପରିପ୍ରେକ୍ଷୀରେ 'ଭାରତନେଟ'ର ପଦକ୍ଷେପ ସମୟ ଉପଯୋଗୀ ବିଚାର କରାଯାଏ ।

## ଆଜିର ଚିନ୍ତନ

ଶ୍ରେଣିକ ପୁତ୍ର ମେଘ ଭଗବାନ ବୁଦ୍ଧଙ୍କ ନିକଟରୁ ମନ୍ତ୍ରଦୀକ୍ଷା ନେଲେ ଏବଂ ତାଙ୍କ ସହିତ ରହି ତପସ୍ୟାରେ ନିମଗ୍ନ ହେଲେ । ବିରକ୍ତ ମନକୁ ଉପାସନା ଦ୍ୱାରା ଅସୀମ ଶାନ୍ତି ମିଳିଥାଏ । ଆବର୍ଜନା ପୂର୍ଣ୍ଣ ଜୀବନରେ ମଣି ମୁକ୍ତା ସଦୃଶ ଜ୍ୟୋତି ଝିଲିମିଲି ହୋଇ ଉଠେ, ମନ ବାଣୀ ଚିତ୍ତ ଅଲୌକିକ ସ୍ଫୁର୍ତ୍ତିରେ ପରିପୂର୍ଣ୍ଣ ହୋଇଯାଏ । ସାଧକକୁ ରସ ମିଳିବା ପରି ଲାଗେ । ତେଣୁ ମେଘ ମଧ୍ୟ ଅଧିକାଂଶ ସମୟକୁ ଉପାସନାରେ ବିନିଯୋଗ କରୁଥିଲେ । କିନ୍ତୁ ଭଗବାନ ବୁଦ୍ଧଙ୍କର ଦୃଷ୍ଟି ଅତ୍ୟନ୍ତ ତୀକ୍ଷ୍ଣ ଥିଲା । ସେ ଜାଣିଥିଲେ ଯେ ସବୁ ରସ ଭୌତିକ ହେଉ କି ଆଧ୍ୟାତ୍ମିକ, ତାହା ଏକ । ରସର ଆଶା ଚିରନବୀନତାରେ ବନ୍ଧା, ସେଥିପାଇଁ ଯେପର୍ଯ୍ୟନ୍ତ ନୂତନତ୍ୱ ଥାଏ, ସେ ପର୍ଯ୍ୟନ୍ତ ଉପାସନାରେ ରସ ରହିବା ସ୍ୱାଭାବିକ, କିନ୍ତୁ ଯଦି ଆତ୍ମୋତ୍କର୍ଷର ନିଷ୍ଠା ନ ରହେ ତେବେ ମେଘର ମନ ଉଚ୍ଚାଟ ହୋଇଯିବ, ଅତଏବ ତା'ର ନିଷ୍ଠାକୁ ସୁଦୃଢ଼ କରାଉଥିବା ତପସ୍ୟାର ଆବଶ୍ୟକତା ରହିଛି । ତେଣୁ ସେ ମେଘଙ୍କୁ ବାରମ୍ବାର ସେହି ଦିଗକୁ ଧକ୍କା ମାରୁଥିଲେ ।

ମେଘ କେବେ ଶୃଙ୍ଖଳା ଭୋଜନ ଖାଇ ନ ଥିଲେ । ଏବେ ତାଙ୍କୁ ଶୃଙ୍ଖଳା ଭୋଜନ ଦିଆଗଲା । କୋମଳ ଶଯ୍ୟା ସ୍ଥାନରେ ଭୂମିଶୟନ, ଆକର୍ଷକ ବେଶଭୂଷା ସ୍ଥାନରେ ମୋଟା ବଳକଳ ବସ୍ତ୍ର ଏବଂ ସୁଖଦ ସାମାଜିକ ସମ୍ପର୍କ ସ୍ଥାନରେ ରାଜଗୃହ ଆଶ୍ରମର ସ୍ୱଚ୍ଛତା, ସେବା ବ୍ୟବସ୍ଥା ଗୋଟି ଗୋଟି କରି ଯେତେ ଅଧିକ ଭାବରେ ମେଘଙ୍କୁ ସଂଲଗ୍ନ କରାଯାଉଥିଲା, ତାଙ୍କର ମନ ସେତେ ଅଧିକ ଉତ୍ତେଜିତ ହେଉଥିଲା, ମହତ୍ୱାକାଂକ୍ଷା ମୁଣ୍ଡ ପିଟୁଥିଲା ଏବଂ ଅହଂକାର ବାରମ୍ବାର ଆସି ଠିଆ ହୋଇ କହୁଥିଲା- 'ଏ ମୂର୍ଖ ମେଘ ! ସେହି ରସ କୁଆଡ଼େ ଗଲା ? ଜୀବନର ସୁଖ ଉପଭୋଗକୁ ଛାଡି କେଉଁଠି ଆସି ଫସିଗଲୁ ।' ମନ ଓ ଆତ୍ମାର ଦ୍ୱନ୍ଦ୍ୱ ନିରନ୍ତର ଚାଲିଲା ଓ ଦିନେ ସେହି ସ୍ଥିତି ଆସିଗଲା, ଯେତେବେଳେ ମେଘ ନିଜ ବିରକ୍ତିର ବସ୍ତ୍ରକୁ କାଢ଼ି ଫିଙ୍ଗି ଦେଲେ ଏବଂ କହିବାକୁ ଲାଗିଲେ- 'ତାତ ! ମୋତେ ସାଧନା କରାଇ ଦିଅନ୍ତୁ, ତପ କରାଇ ଦିଅନ୍ତୁ, ଯାହା ଦ୍ୱାରା ମୋର ଅନ୍ତଃକରଣ ପବିତ୍ର ହେବ ।

ତଥାଗତ ସ୍ମିତହାସ୍ୟ କରି କହିଲେ ତାତ । ଏହା ହିଁ ତ ତପ । ବିପରୀତ ପରିସ୍ଥିତିରେ ମଧ୍ୟ ମାନସିକ ସ୍ଥିରତା ଏହା ସେହି ଗୁଣ, ଯାହା ଭିତରେ ଏହା ଆସିଗଲା ସେ ହିଁ ସଚ୍ଚା ତପସ୍ୱୀ, ସେ ହିଁ ସ୍ୱର୍ଗ ବିଜେତା ହୋଇଥାଏ । ଉପାସନା ତ ଏହାର ଏକ ଅଙ୍ଗ ମାତ୍ର । ମେଘଙ୍କ ଆଖି ଖୋଲିଗଲା ଏବଂ ସେ ସଚ୍ଚା ଯୋଦ୍ଧାଙ୍କ ସଦୃଶ ମନ ସହିତ ଲଢ଼ିବା ଦିଗରେ ପ୍ରବୃତ୍ତ ହେଲେ ।

# କ୍ୟାନ୍ସର ଦୂର କରିବ ଅଙ୍ଗୁର ମଞ୍ଜି



କିଛି ଔଷଧ ଗବେଷକମାନେ ଏକ ନୂତନ ଗବେଷଣା କରିଛନ୍ତି । ଯାହାଦ୍ୱାରା କ୍ୟାନ୍ସର ପରି ମାରାତ୍ମକ ରୋଗକୁ ଘରୋଇ ଉପଚାର ଦ୍ୱାରା କରାଯାଇପାରିବ । ନିକଟରେ କାଲିଫର୍ଣ୍ଣିଆ ୟୁନିଭର୍ସିଟିର ମେଡିକାଲ ଫିଜିକ୍ସ ଏବଂ ସାଇକୋଲୋଜି ପ୍ରଫେସର ଡି.ହାର୍ଡିନ, ବି ଜୋନ୍ସଙ୍କ ମତରେ ଏବେ କ୍ୟାନ୍ସର ରୋଗୀଙ୍କୁ ଆଶ୍ୱସ୍ତ ଦେବ ଅଙ୍ଗୁର ମଞ୍ଜି । କ୍ୟାନ୍ସର ପୀଡିତ ରୋଗୀଙ୍କ ଚିକିତ୍ସା ପାଇଁ 'ଟିଗୋ ଥେରାପି' ଦିଆଯାଇଥାଏ । ଘରୋଇ ଓ ପ୍ରାକୃତିକ ରୂପରେ ପ୍ରସ୍ତୁତ ହୋଇଥିବା ଏହି ଔଷଧଟି କ୍ୟାନ୍ସର ପାଇଁ ଲାଭଦାୟକ । ଏହାର କୌଣସି ସାଇଡ୍ ଇଫେକ୍ଟ ନାହିଁ । ଜଣାପଡିଛି ଯେ, ଅଙ୍ଗୁର ମଞ୍ଜି ଅର୍ବି ହ୍ୟୁକେମିଲା କ୍ୟାନ୍ସର ଓ ଅନ୍ୟ ସଂକ୍ରାମକ ରୋଗ ପାଇଁ ସକାରାତ୍ମକ ଭାବେ କାର୍ଯ୍ୟ କରିଥାଏ । ଅଙ୍ଗୁର ମଞ୍ଜି ମାତ୍ର ୮ ଘଣ୍ଟାରେ ୭୬ ପ୍ରତିଶତ କ୍ୟାନ୍ସରକୁ ରୋକିବାରେ ସକ୍ଷମ ହୋଇଥାଏ । କ୍ୟାନ୍ସର ରିସର୍ଚ୍ଚକର୍ତ୍ତାଙ୍କ କହିବାନୁସାରେ, ଅଙ୍ଗୁର ମଞ୍ଜିରୁ ମିଳୁଥିବା ଜେଏନ୍‌କେ ପ୍ରୋଟିନ, କ୍ୟାନ୍ସରର କୋଶିକାକୁ ବିକର୍ଣ୍ଣ କରିବାରେ ନିୟନ୍ତ୍ରଣ କରିଥାଏ । ଅଙ୍ଗୁର ରସ ବଦଳରେ ଅଙ୍ଗୁର ମଞ୍ଜିରେ ଚମତ୍କାର ଗୁଣ ଭରି ରହିଛି, ଯାହା କ୍ୟାନ୍ସର ଜୀବାଣୁକୁ ସଂକ୍ରମଣ ହେବାକୁ ରୋକିଥାଏ ।

# ସାଧନାର ସର୍ବୋତ୍ତମ ସୂତ୍ର

ସ୍ୱାମୀ ବିବେକାନନ୍ଦ ଶ୍ରୀରାମକୃଷ୍ଣ ପରମହଂସଙ୍କୁ ବ୍ରହ୍ମ ସାକ୍ଷାତକାର କରାଇଦେବା ପାଇଁ ବାରମ୍ବାର ପ୍ରାର୍ଥନା କରୁଥିଲେ । ଦିନେ ଅକସ୍ମାତ୍ ଯେବେ ତାଙ୍କ ପିତାଙ୍କର ମୃତ୍ୟୁ ହୋଇଗଲା ଏବଂ ଘରେ ତାଙ୍କୁ ଦାରୁଣ ଦାରିଦ୍ର୍ୟର ସାମନା କରିବାକୁ ପଡିଲା ତ ସେ ଶ୍ରୀରାମକୃଷ୍ଣଙ୍କୁ କହିଲେ ଯେ ସେ ତାଙ୍କର ଦୁଃଖ ନିବାରଣ ପାଇଁ ମା' କାଳୀଙ୍କୁ ପ୍ରାର୍ଥନା କରି ଦିଅନ୍ତୁ । ଏହା ଶୁଣି ଶ୍ରୀରାମକୃଷ୍ଣ କହିଲେ- 'ତୁମେ ସ୍ୱୟଂ ହିଁ ମା'ଙ୍କୁ ପ୍ରାର୍ଥନା କରୁ ନାହଁ କାହିଁକି ?

ଏହା ଶୁଣି ବିବେକାନନ୍ଦ ମା'ଙ୍କ ନିକଟକୁ ଦୁଃଖ ନିବାରଣ ପାଇଁ ପ୍ରାର୍ଥନା କରିବାକୁ ଗଲେ, ସେପଟେ ତାଙ୍କ ଗୁରୁ ଶ୍ରୀରାମକୃଷ୍ଣ ଆଦିଶକ୍ତି ମା'ଙ୍କ ନିକଟରେ ନିଜର ଶିଷ୍ୟ ପାଇଁ ମନେ ମନେ ପ୍ରାର୍ଥନା କରିବାକୁ ଲାଗିଲେ ଓ କହିଲେ - "ହେ ମା'! ନରେନ୍ଦ୍ରକୁ ସଂସାରର ମାୟାଜାଲରୁ ବଞ୍ଚାଇ ରଖ । ସେଥିପାଇଁ ଗୁରୁପ୍ରେରଣା, ଗୁରୁକୃପା କାରଣରୁ ହିଁ ନରେନ୍ଦ୍ର ମା' କାଳୀଙ୍କ ପାଖକୁ ତିନି ଥର ଯାଇ ମଧ ନିଜ ପାଇଁ କୌଣସି ଭୌତିକ ସୁଖ ମାଗିପାରି ନ ଥିଲେ, ବରଂ ତିନି ଥର ଯାକ କେବଳ ଏହା ମାଗିଥିଲେ - ମା' ମୋତେ ବିବେକ ଦିଅ, ବୈରାଗ୍ୟ ଦିଅ, ଜ୍ଞାନ ଦିଅ ।

ନିଜର ଏହି ଅନୁଭବର ଉଲ୍ଲେଖ କରି ପରେ ସ୍ୱାମୀ ବିବେକାନନ୍ଦ କହିଥିଲେ 'ମନ୍ଦିରରେ ପହଞ୍ଚି ମା'ଙ୍କ ମୂର୍ତ୍ତି ଉପରେ ଦୃଷ୍ଟି ପକାଇ ହିଁ ମୁଁ ପ୍ରତ୍ୟକ୍ଷ ଅନୁଭବ କଲି ଯେ ମା ଚିନ୍ମୟୀ ଅଟନ୍ତି । ପ୍ରାଣବନ୍ତ ଅଟନ୍ତି । ଦିବ୍ୟ ଓ ଅଲୌକିକ ସୌନ୍ଦର୍ଯ୍ୟର ଶାଶ୍ୱତ ସ୍ରୋତ ଅଟନ୍ତି । ଭକ୍ତି ଓ ପ୍ରେମର ଉଦଗମ ତରଙ୍ଗରେ ମୁଁ ଅଭିଭୂତ ହୋଇଗଲି । ଆନନ୍ଦାତିରେକରେ ବିହ୍ୱଳ ହୋଇ ମୁଁ ବାରମ୍ବାର ତାଙ୍କୁ ସାଷ୍ଟାଙ୍ଗ ପ୍ରଣାମ ଜଣାଇ ପ୍ରାର୍ଥନା କରିବାକୁ ଲାଗିଲି- 'ମା'! ମୋତେ ବିବେକ ଦିଅ, ବୈରାଗ୍ୟ ଦିଅ, ଜ୍ଞାନ ଦିନ, ଭକ୍ତି ଦିଅ, ନିତ୍ୟ ନିରନ୍ତର ତୁମର ଦର୍ଶନ କିପରି ପ୍ରାପ୍ତ କରିବି, ଏପରି ଆଶୀର୍ବାଦ ଦିଅ । ମୋର ଆତ୍ମାରେ ବିଲକ୍ଷଣ ଶାନ୍ତି ଛାଇଗଲା । ସଂସାର ବିସ୍ମୃତ ହୋଇଗଲା । ବାସ୍ କେବଳ ଜଗନ୍ମାତା ହିଁ ମୋର ହୃଦୟରେ ପ୍ରକାଶିତ ହୋଇଥିଲେ ।

ବାସ୍ତବରେ ଗୁରୁ ନିଜ ଶିଷ୍ୟର କଲ୍ୟାଣ ପାଇଁ କ'ଣ କ'ଣ କରନ୍ତି ? ସେ କେବେ ମା' ହୋଇ ଶିଷ୍ୟର ଅଙ୍ଗୁଳି ଧରି ତାକୁ ଚାଲିବା ଶିଖାନ୍ତି ତ କେବେ ଅଙ୍ଗରକ୍ଷକ ହୋଇ ତାକୁ ସବୁ ଦିଗରୁ ରକ୍ଷା କରନ୍ତି । କେବେ କୁମ୍ଭାର ହୋଇ ତାକୁ ପିଟି, ବାଡ଼େଇ ଉଚିତ ଆକାର ଦିଅନ୍ତି ତ କେବେ ତାକୁ ଅନୁଶାସିତ କରିବା ପାଇଁ ଗାଳିଗୁଲଜ ମଧ କରନ୍ତି । କେବେ ତା' ଉପରେ ପ୍ରେମାମୃତ ବର୍ଷା କରନ୍ତି । ଶିଷ୍ୟର ମଙ୍ଗଳ କେଉଁଥିରେ ଅଛି, ଶିଷ୍ୟର ହିତ କେଉଁଥିରେ ଅଛି, ଶିଷ୍ୟର କଲ୍ୟାଣ କେଉଁଥିରେ ଅଛି, ଶିଷ୍ୟ ପାଇଁ କ'ଣ ଉଚିତ, କ'ଣ ଅନୁଚିତ ଏହା ସଦଗୁରୁଙ୍କ ବ୍ୟତୀତ ଆଉ କିଏ ଭଲ ଭାବରେ ଜାଣିପାରେ, କାରଣ ସେ ସର୍ବଜ୍ଞ ଅନ୍ତର୍ଯାମୀ । ସେ ଶିଷ୍ୟର ଭୂତ, ଭବିଷ୍ୟତ ଓ ବର୍ତ୍ତମାନକୁ ଏକସଙ୍ଗେ ଦେଖି ପାରନ୍ତି, ସେଥିପାଇଁ ସେ ନିଜ ଶିଷ୍ୟର ସବୁ ପ୍ରକାର ରକ୍ଷଣାବେକ୍ଷଣ କରନ୍ତି । କେବେ ତାକୁ ଆଖି ଦେଖାନ୍ତି, ଗାଳି ଦିଅନ୍ତି, ଆଉ କେବେ ସ୍ନେହ ଓ ମମତା ମଧ ପ୍ରଦାନ କରନ୍ତି ।

ଗୁରୁଙ୍କ ଦ୍ୱାରା ଶିଷ୍ୟକୁ ମିଳୁଥିବା ଗାଳିରେ କେତେ ସ୍ନେହ ଭରି ରହିଥାଏ ଏବଂ ଆଖି ଦେଖାଇବାରେ କେତେ ମମତା ପୂରି ରହିଥାଏ । ଏହି ପ୍ରକାର ଆଉ ଏକ ଘଟଣା ରହିଛି, ଯେତେବେଳେ ଈଶ୍ୱରଦର୍ଶନ ପାଇଁ ନରେନ୍ଦ୍ରଙ୍କର ବ୍ୟାକୁଳତାର କୌଣସି ସୀମା ରହିଲା ନାହିଁ ସେତେବେଳେ ଦିନେ ସେ ଠାକୁରଙ୍କୁ କହିଲେ- 'ମୋର ଇଚ୍ଛା ହେଉଛି ତିନି ଚାରି ଦିନ ପର୍ଯ୍ୟନ୍ତ ଲଗାତାର ସମାଧିରେ ବୁଡ଼ି ରହିବା । କେବେ କେବେ ମଝିରେ କେବଳ ଭୋଜନ କରିବା ପାଇଁ ଉଠିବା । ଠାକୁର କହିଲେ ତୁ ତ ବଡ଼ ହୀନବୁଦ୍ଧି ସମ୍ପନ୍ନରେ । ଏହି ଅବସ୍ଥା ଠାରୁ ମଧ ଉଚ୍ଚତର ଅବସ୍ଥା ଅଛି । ତୁ ହିଁ ତ ଗାଉଥିଲୁ ଯାହା କିଛି ଅଛି, ତାହା ତୁ ହିଁ ଅଟୁ । ପ୍ରକୃତରେ ଶ୍ରୀରାମକୃଷ୍ଣ ଇଚ୍ଛା କରୁଥିଲେ ଯେ ତାଙ୍କର ଶିଷ୍ୟ ସମସ୍ତ ଜୀବଙ୍କ ମଧରେ ଈଶ୍ୱରଙ୍କ ଦର୍ଶନ କରି ପୂଜାର ଭାବରେ ସେମାନଙ୍କର ସେବା କରୁ । ସେ କହୁଥିଲେ ଯେ ଜଗତକୁ ଈଶ୍ୱର ରହିତ ଦେଖିବା ଅଜ୍ଞାନ । ଈଶ୍ୱରଙ୍କୁ ଜଗତର ଊର୍ଦ୍ଧ୍ୱରେ ଦେଖି ଏକ ପ୍ରକାର ଜ୍ଞାନ, ପରନ୍ତୁ ଈଶ୍ୱରଙ୍କୁ ସମସ୍ତ ଜୀବଙ୍କ ଠାରେ ବ୍ୟାପ୍ତ ହୋଇଥିବାର ଦେଖିବା ସର୍ବୋଚ୍ଚ ଜ୍ଞାନ । କେବଳ କିଛି ଭାଗ୍ୟବାନ ଲୋକ ହିଁ ଈଶ୍ୱରଙ୍କର ସର୍ବବ୍ୟାପୀ ସ୍ୱରୂପକୁ ଦେଖି ପାରନ୍ତି ।

ସେ ଚାହୁଁଥିଲେ ଯେ ନରେନ୍ଦ୍ରକୁ ଏହି ସର୍ବୋଚ୍ଚ ଜ୍ଞାନର ଉପଲବ୍ଧି ହେଉ, ସେଥିପାଇଁ ଏହିପରି ଅନ୍ୟ ଏକ ଅବସରରେ ମଧ ଶ୍ରୀରାମକୃଷ୍ଣ ନରେନ୍ଦ୍ରଙ୍କୁ କହିଲେ ତୋତେ ଧିକ୍କାର କରୁଛି । ଏତେ ବଡ଼ ଆଧାର ଥାଇ ମଧ ତୁ ଏପରି ତୁଚ୍ଛ ବସ୍ତୁ ମାଗୁଛୁ । ମୁଁ ତ ଚିନ୍ତା କରୁଥିଲି ଯେ ତୁ ଏକ ବିଶାଳ ବଟବୃକ୍ଷ ସମାନ ହେବୁ ଏବଂ ତୋର ଛାୟାରେ ହଜାର ହଜାର ଲୋକ ଆଶ୍ରୟ ନେବେ, କିନ୍ତୁ ତୁ ତ ନିଜ ମୁକ୍ତିର ଚକ୍କରରେ ପଡିଛୁ । ଏପରି ତାତ୍ସଲ୍ୟ ଶୁଣି ନରେନ୍ଦ୍ରଙ୍କ ଆଖିରେ ଲୋତକ ଭରିଗଲା । ସେ ରାମକୃଷ୍ଣଙ୍କ ହୃଦୟର ବିଶାଳତାକୁ ବୁଝି ଯାଇଥିଲେ ।

ନିଜ ଶିଷ୍ୟକୁ ବୀଜରୁ ବଟବୃକ୍ଷ, ନରେନ୍ଦ୍ରରୁ ସ୍ୱାମୀ ବିବେକାନନ୍ଦ କରାଇବାର ସାମର୍ଥ୍ୟ ତପୋନିଷ୍ଠ, ବ୍ରହ୍ମନିଷ୍ଠ ଗୁରୁ ହିଁ ରଖି ପାରନ୍ତି, ସେଥିପାଇଁ ଶାସ୍ତ୍ରରେ ଏପରି ମହାପୁରୁଷଙ୍କୁ ଗୁରୁ ରୂପେ ବରଣ କରିବା କଥା କୁହାଯାଇଛି । ଆଚାର୍ଯ୍ୟ ଶଙ୍କର ବିବେକଚୁଡାମଣିରେ କହିଛନ୍ତି ଯେ ଆତ୍ମତତ୍ତ୍ୱର ଜିଜ୍ଞାସୁ ଶିଷ୍ୟ ସ୍ଥିତପ୍ରଜ୍ଞ ଗୁରୁଙ୍କ ନିକଟକୁ ଯାଏ, ଯାହା ଦ୍ୱାରା ତା'ର ଭବବନ୍ଧନରୁ ନିବୃତ୍ତି ହୋଇଥାଏ । ଯିଏ ଶ୍ରୋତ୍ରିୟ, ନିଷ୍ପାପ, କାମନା ଶୂନ୍ୟ, ବ୍ରହ୍ମବେତ୍ତାଙ୍କ ମଧରେ ଶ୍ରେଷ୍ଠ ଅଟନ୍ତି, ବ୍ରହ୍ମନିଷ୍ଠ, ଇନ୍ଧନରହିତ ଅଗ୍ନି ସମ ଶାନ୍ତ, ଅକାରଣ ଦୟାସିନ୍ଧୁ ଏବଂ ପ୍ରଣତ ସଜ୍ଜନଙ୍କର ବନ୍ଧୁ ହୋଇଥାନ୍ତି ସେହି ଗୁରୁଦେବଙ୍କର ବିନୀତ ଓ ବିନମ୍ର ସେବା ଦ୍ୱାରା ଭକ୍ତିପୂର୍ବକ ଆରାଧନା କରି ସେ ପ୍ରସନ୍ନ ହେବା ପରେ ତାଙ୍କ ନିକଟକୁ ଯାଇ ବିନତି କରି କୁହନ୍ତୁ ହେ ଶରଣାଗତବତ୍ସଳ, କରୁଣାସାଗର ପ୍ରଭୁ ଆପଣଙ୍କୁ ନମସ୍କାର କରୁଛି । ସଂସାର ସାଗରରେ ମୁଁ ପଡିଯାଇଛି, ଆପଣ ଆପଣଙ୍କ କୃପା କଟାକ୍ଷ ବଳରେ ମୋତେ ଉଦ୍ଧାର କରନ୍ତୁ ।

ଏହିପରି ଶାସ୍ତ୍ରଗୁଡିକ ଆମକୁ ବ୍ରହ୍ମନିଷ୍ଠ ଗୁରୁଙ୍କ ଶରଣରେ ଯିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି, କାରଣ ବ୍ରହ୍ମନିଷ୍ଠ ଗୁରୁ ହିଁ ଆମକୁ ସଚ୍ଚା ଜ୍ଞାନ ଦେଇ ପାରନ୍ତି । ସଚ୍ଚା ରାସ୍ତା ଦେଖାଇ ପାରନ୍ତି ଓ ବ୍ରହ୍ମ ସାକ୍ଷାତକାରର ମାର୍ଗ ପ୍ରଶସ୍ତ କରି ପାରନ୍ତି । ଭାରତବର୍ଷର ମହାନ୍ ଆଧାତ୍ମିକ ସଂସ୍କୃତିରେ ଏପରି ବ୍ରହ୍ମନିଷ୍ଠ ଗୁରୁମାନଙ୍କର ଏକ ଦୀର୍ଘ ପରମ୍ପରା ରହି ଆସିଛି । ପ୍ରାଚୀନ ଋଷିମାନଙ୍କ ଠାରୁ ନେଇ ଆଧୁନିକ ଯୁଗର ମହାନ୍ ଯୋଗୀମାନଙ୍କ ଗଣନା ଏପରି ତପୋନିଷ୍ଠ ବ୍ରହ୍ମନିଷ୍ଠ ଗୁରୁମାନଙ୍କ ମଧରେ କରାଯାଏ ।

ମହାତ୍ମା ଗୌତମ ବୁଦ୍ଧ, ମହାବୀର, ଆଚାର୍ଯ୍ୟ ଶଙ୍କର, ଗୁରୁ ଗୋରଖନାଥ, ମୀରା, ତୁଳସୀ, କବୀର, ରୈଦାସ, ଚୈତନ୍ୟ ମହାପ୍ରଭୁ, ମହାବତାର ବାବା, ଶ୍ୟାମଚରଣ ଲାହିଡୀ, ଯୁକ୍ତେଶ୍ୱରାନନ୍ଦଗିରି, ପରମହଂସ ଯୋଗାନନ୍ଦ, ଶ୍ରୀରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ, ସ୍ୱାମୀ ଶିବାନନ୍ଦ, ମହର୍ଷି ରମଣ, ମହର୍ଷି ଅରବିନ୍ଦ, ଶ୍ରୀ ନାମ କରୋବୀ ବାବା, ଆଦି ସନ୍ଥ ଓ ମହାଯୋଗୀ ନିଶ୍ଚିତ ଭାବରେ ଗୁରୁ ରୂପେ ବରଣ କରିବା ଯୋଗ୍ୟ ଅଟନ୍ତି ।

ସେମାନେ ଭଲା ଭୌତିକ ଶରୀରରେ ଆଜି ଗହଣରେ ପଛେ ରହି ନ ଥାନ୍ତୁ, କିନ୍ତୁ ସେମାନେ ସୂକ୍ଷ୍ମ ରୂପରେ, କାରଣ ରୂପରେ, ଭାବ ରୂପରେ, ବିକାର ରୂପରେ ଆଜି ମଧ ଅଜର, ଅମର । ସେମାନଙ୍କୁ ଗୁରୁ ରୂପେ ବରଣ କରି, ହୃଦୟ କମଳରେ ସେମାନଙ୍କ ପ୍ରକାଶ ଶରୀରର, ପ୍ରକାଶପୁଞ୍ଜର ଧାନ କରି ସେମାନଙ୍କ ସାହିତ୍ୟର ସ୍ୱାଧାୟ କରି, ସେମାନଙ୍କ ପ୍ରଦର୍ଶିତ ମାର୍ଗରେ ଚାଲି ଆମେ ସେମାନଙ୍କ କୃପା, କରୁଣା, ମାର୍ଗଦର୍ଶନ ଓ ସଂରକ୍ଷଣ ଅବଶ୍ୟ ପ୍ରାପ୍ତ କରି ପାରିବା ।

ଏପରି ବୀତରାଗ ପୁରୁଷମାନଙ୍କର ଧାନ କରି ଆମେ ସମାଧି ପରି ପରମ ଲାଭକୁ ମଧ ପ୍ରାପ୍ତ କରି ପାରିବା । ମହର୍ଷି ପତଞ୍ଜଳିକୃତ ଯୋଗ ସୂତ୍ରରେ ଆମକୁ ଏହି ଶିକ୍ଷା ଦିଆଯାଇଛି ବୀତରାଗବିଷୟଂ ବା ଚିତ୍ତମ୍ । ଅର୍ଥାତ୍ ଯେଉଁ ପୁରୁଷର ରାଗ ଦ୍ୱେଷ ସର୍ବଦା ନଷ୍ଟ ହୋଇଯାଇଛି, ଏପରି ବିରକ୍ତ ପୁରୁଷକୁ ଧେୟ କରି ଅଭ୍ୟାସ କରିବା ବ୍ୟକ୍ତି ଅର୍ଥାତ୍ ତାହାର ବିରକ୍ତ ଭାବକୁ ମନନ କରିବା ବ୍ୟକ୍ତିର ଚିତ୍ତ ମଧ ସ୍ଥିର ହୋଇଯାଏ ।

ହଁ ! ଯଦି ଆମେ ଚାହିଁବା ତେବେ ଏହି ବୀତରାଗ ପୁରୁଷଙ୍କ ବ୍ୟତୀତ ଈଶ୍ୱରଙ୍କୁ ମଧ ଗୁରୁ ରୂପରେ ବରଣ କରି ପାରିବା । ଆମ ମଧରୁ କେତେକ ଲୋକଙ୍କର ଶ୍ରଦ୍ଧା ଯଦି ଈଶ୍ୱରଙ୍କ ଉପରେ ଅଧିକ ଆରୋପିତ ହୋଇଥାଏ, ତାହାହେଲେ ଆମେ ଈଶ୍ୱରଙ୍କୁ ମଧ ଗୁରୁ ମାନି ପାରିବା । କାହିଁକି ? କାରଣ ଈଶ୍ୱର ସ୍ୱୟଂ ଅନାଦି ଅଟନ୍ତି । ସେ କାଳର ସୀମା ଠାରୁ ସର୍ବଥା ଅତୀତ, ସେ କାଳ ପାଇଁ ମଧ ମହାକାଳ, ସେଥିପାଇଁ ସେ ସମ୍ପୂର୍ଣ୍ଣ ପୂର୍ବଜମାନଙ୍କର ମଧ ଗୁରୁ । ସେ ଗୁରୁମାନଙ୍କର ମଧ ଗୁରୁ ଅଟନ୍ତି । ଯେପରିକି ମହର୍ଷି ପତଞ୍ଜଳି ଯୋଗସୂତ୍ର ୧/୨୬ରେ କହିଛନ୍ତି ପୂର୍ବଷାମମି ଗୁରୁଃ କାଳେନାନବଚ୍ଛେଦାତ୍ । ସେହି ଈଶ୍ୱର ସମସ୍ତଙ୍କର ଗୁରୁ ଅଟନ୍ତି, ସେ ପୂର୍ବଜମାନଙ୍କର ମଧ ଗୁରୁ, କାରଣ ସେ କାଳ ସହିତ ଅବିଚ୍ଛେଦ ନୁହନ୍ତି । ପୁନଶ୍ଚ ସେ ଯୋଗସୂତ୍ରରେ କହିଛନ୍ତି - ସେହି ଈଶ୍ୱରଙ୍କ ନାମ ପ୍ରଣବ (ଓଁକାର) ଅଟେ । ସେହି ଓଁକାରର ଜପ ଏବଂ ତାହାର ଅର୍ଥ ସ୍ୱରୂପ ପରମେଶ୍ୱରଙ୍କର ଚିନ୍ତନ କରିବା ଉଚିତ ।

ମହର୍ଷି ବ୍ୟାସ ମଧ ଈଶ୍ୱରଙ୍କୁ ହିଁ ପରମଗୁରୁ କହିଛନ୍ତି ସେହି ଈଶ୍ୱର ରୂପୀ ପରମଗୁରୁଙ୍କ ଠାରେ ସମସ୍ତ କର୍ମର ଅର୍ପଣ ହିଁ ଈଶ୍ୱର ପ୍ରଣିଧାନ ।

**ଅବଶିଷ୍ଟାଂଶ ୧୦ମ ପୃଷ୍ଠାରେ**

## ଟିକିଏ ହସନ୍ତୁ

ଛୋଟପିଲାଟିଏ ଦୋକାନୀକୁ : ଅଙ୍କଲ, ଗୋରା ହେବା କ୍ରିମ ଅଛି ?

ଦୋକାନୀ : ହଁ ।

ଛୋଟପିଲା : ତା' ହେଲେ ଲଗଉନ କାହିଁକି ? ସବୁଦିନ ତମକୁ ଦେଖି ମୁଁ ଡରି ଯାଉଛି ।

× × × ×

ଝଗଡ଼ା ପରେ ସ୍ୱାମୀ ବାହାରକୁ ଯାଉଥାଆନ୍ତି ।

ତାହା ଦେଖି ସ୍ତ୍ରୀ : କୁଆଡେ ଯାଉଛ ?

ସ୍ୱାମୀ : ସୁଇସାଇଡ୍ କରିବାକୁ ।

ସ୍ତ୍ରୀ : ହଉ ଠିକ୍ ଅଛି । ଏକ ବ୍ୟାଗଟା ନେଇକି ଯାଅ ।

ସ୍ୱାମୀ : କାହିଁକି ?

ସ୍ତ୍ରୀ : ତୁମର ଯଦି ସୁଇସାଇଡ୍ କରିବା ମୁଡ୍ ବଦଳିଯିବ, ତା'ହେଲେ କିଲେ ଆଳୁ ଓ କିଲେ ପିଆଜ ଆଣିଦେବ ।



× × ×

ପୁଅ ରାତିରେ ମଦ ପିଇ ଘରକୁ ଫେରିଥାଏ ।

ବାପାଙ୍କ ଗାଳି ମାଡ଼ରୁ ବଞ୍ଚିତ ପାଇଁ ସଙ୍ଗେ ସଙ୍ଗେ ଲାପଟପ୍ ଖୋଲି ବସି ପଡିଲା ।

ଏହା ଦେଖି ବାପା : ଆଜି ପୁଣି ମଦ ପିଇଚୁନା ?

ପୁଅ : ନା ବାପା ।

ବାପା : ବଦମାସ୍, ପିଇନୁ ଯଦି ସୁଟକେସ୍ ଖୋଲି ପଢୁଛୁ କାହିଁକି ?

× × × ×

ରିଙ୍କୁ : ତୋର ବାପାଙ୍କୁ କେତେ ବର୍ଷ ହେବ ?

ପପୁ : ମତେ ଯେତିକି ତାଙ୍କୁ ସେତିକି ହେବ ।

ରିଙ୍କୁ : କେମିତି ?

ପପୁ : ଆରେ ମୁଁ ଯେଉଁଦିନ ଜନ୍ମ ହେଲି ସେ ତ ସେଇଦିନ ବାପା ହେଲେ ନାଁ ।

× × × × × ×

ମୁହଁ ଚାହାଁଣିରେ ପତି ପତ୍ନୀଙ୍କୁ ଗୋଟିଏ ଗୋଲାପ ଫୁଲ ଭେଟି ଦେଲେ ।

ପତ୍ନୀ ମୁହଁ ଫୁଲାଇ ହିନ୍ଦୀରେ କହିଲେ, 'ୟେ ନହିଁ କୋଇ ସୋନେ କି ଚିଜ୍ ଦୋ ।'

ପତି : ଉତ୍ତରରେ ନିଅ ଏହି ତକିଆ ଆଉ ଶୋଇ ଯାଅ ।

× × × × ×

ରାଜୁର ଲଟେରି ଲାଗିଥିଲା ସେ ମନ୍ଦିରକୁ ଗଲା ଠାକୁରଙ୍କୁ ଭୋଗ ଲଗାଇବା ପାଇଁ ।

ପୂଜାରି : ବାବୁ ଭଗବାନଙ୍କୁ କିଛି ଦାନ ତ କର ।

ରାଜୁ : ରାଜୁ ସମସ୍ତ ଟଙ୍କା ଉପରକୁ ଉଡାଇ ଦେଇ କହିଲା ହେ ପ୍ରଭୁ ଏହାକୁ ନିଅ, ଯେତିକି ଉପରେ ରହିବ ତାହା ତୁମର । ଯାହା ତଳକୁ ଖସିବ ସେତିକି କେବଳ ମୋର ହେବ ।

ବର୍ଷ ୨୫, ସଂଖ୍ୟା-୨୬, ୨୫ - ୩୧ ଜୁଲାଇ ୨୦୨୧

## ଓଡ଼ିଶା ବିଧାନ ପରିଷଦ ବିଲ୍ ସଂସଦକୁ ଆସୁନାହିଁ କାହିଁକି ?

ଗତପ୍ରାୟ ତିନିବର୍ଷ ହେବ ଓଡ଼ିଶା ବିଧାନ ପରିଷଦ ବିଲ୍ ସଂସଦକୁ ଆସି ପାରୁନାହିଁ । ଏହି ବିଲ୍ ଆଗତ କରୁନାହାନ୍ତି କେନ୍ଦ୍ର ସରକାର । ପ୍ରତି ଅଧିବେଶନ ପୂର୍ବରୁ ବିଜେଡି ଦାବି କରୁଥିଲେ ହେଁ, ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ଚଳିତ ମୌସୁମୀ ଅଧିବେଶନ ଆଗରୁ ବି ବିଜେଡି ସଂସଦୀୟ ଦଳ ନେତା ପିନାକୀ ମିଶ୍ର ପୁଣି ଥରେ ସର୍ବଦଳୀୟ ବୈଠକରେ ଏ ସଂପର୍କରେ କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରିଛନ୍ତି । ମୌସୁମୀ ଅଧିବେଶନରେ ଏହି ବିଲ୍ ଆଗତ କରିବା ଲାଗି ବିଜେଡି ଦାବି ରଖିଛି । ଏହା ଉପରେ କେନ୍ଦ୍ର ସରକାର କି ଆଭିମୁଖ୍ୟ ଗ୍ରହଣ କରିବେ, ତାହା ଜଣାପଡି ନ ଥିଲେ ହେଁ ଏହି ପ୍ରସଙ୍ଗକୁ ନେଇ କିନ୍ତୁ ରାଜ୍ୟ ରାଜନୀତିରେ ପୁଣି ଥରେ ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇ ଯାଇଛି ।

ସାଧାରଣ ନିର୍ବାଚନ ପୂର୍ବରୁ ଅର୍ଥାତ୍ ୨୦୧୮ ମସିହା ସେପ୍ଟେମ୍ବର ୬ ତାରିଖ ଦିନ ଓଡ଼ିଶା ବିଧାନସଭାରେ ଏ ସଂକ୍ରାନ୍ତ ସଂକଳ୍ପ ଗୃହୀତ ହୋଇଥିଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମେ ଏହା ସପକ୍ଷରେ ଭୋଟ ଦେଇଥିଲେ । ୧୪୭ ଆସନ ବିଶିଷ୍ଟ ଓଡ଼ିଶା ବିଧାନସଭାର ୧୦୪ ଜଣ ବିଧାୟକଙ୍କ ସମର୍ଥନରେ ଏହି ସଂକଳ୍ପ ପାରିତ ହୋଇଥିଲା ।

ପ୍ରାକ୍ ନିର୍ବାଚନୀ ଦୃଶ୍ୟପଟ୍ଟରେ ବିଜେଡି- ବିଜେପି ମୁହାଁମୁହିଁ ସ୍ଥିତିରେ ଥିଲେ । ନିର୍ବାଚନ ପରବର୍ତ୍ତୀ ସମୟରେ କିନ୍ତୁ ବିକାଶ କାର୍ଯ୍ୟରେ ଉଭୟ ଉଭୟଙ୍କୁ ସହଯୋଗ କରି ଆସିଛନ୍ତି । ତଥାପି କେନ୍ଦ୍ର ସରକାର ଏହି ବିଲ୍ ନେଇ ଠୋସ୍ କୌଣସି ନିର୍ଣ୍ଣୟ ନନେବା ରାଜନୈତିକ ମହଲକୁ ବିସ୍ମିତ କରୁଛି । କାଳେ ବିଜେଡି ଏହାର ଶ୍ରେୟ ନେଇଯିବ, ସେହି ଆଶଙ୍କାରେ କେନ୍ଦ୍ର ଏହା ଉପରେ କୌଣସି ପଦକ୍ଷେପ ନେଉ ନଥିବା ଗୋଟିଏ ମହଲମତ ରଖୁଛନ୍ତି ।


ବିଧାନ ପରିଷଦ ବିଲ୍ ପଛରେ ଓଡ଼ିଶାର ଗୋଟିଏ ବଡ଼ ଯୁକ୍ତି ରହିଛି । ନିଜେ ମୁଖ୍ୟମନ୍ତ୍ରୀ ବିଧାନସଭାରେ ଏକଥା ରଖିଥିଲେ । ସେବେ ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ରାଜ୍ୟର ଅଭିବୃଦ୍ଧି ଇତି ମଧ୍ୟରେ ତ୍ୱରାନ୍ୱିତ ହୋଇଛି । ଏଥିପାଇଁ ଆହୁରି ଅଧିକ ଆଲୋଚନାର ଆବଶ୍ୟକତା ରହିଛି । ଏହି ପରିପ୍ରେକ୍ଷୀରେ ବିଧାନ ପରିଷଦ ବିଶେଷ ଭାବେ ସହାୟକ ହେବ । କିନ୍ତୁ କି ରାଜନୈତିକ ଉଦ୍ଦେଶ୍ୟ ରଖି କେଜାଣି କେନ୍ଦ୍ର ସରକାର ଏହି ବିଲ୍‌କୁ ଗୃହକୁ ଆଣିବା ଲାଗି ଚାହୁଁ ନାହାନ୍ତି । ତାହା କେହି ବୁଝିପାରୁ ନାହାନ୍ତି । ରାଜ୍ୟ ସରକାରଙ୍କର ଏହି ସଂକଳ୍ପ ଏବେ କେନ୍ଦ୍ର ସରକାରଙ୍କ ନିକଟରେ ରହିଛି । ଏ ସଂକ୍ରାନ୍ତ ବିଲ୍ ଉଭୟ ଗୃହରେ ପାରିତ ହେବା ପରେ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇଁ ଯିବ । ଏହାପରେ ନିର୍ବାଚନ କମିସନ ଇଲେକ୍ଟୋରାଲ ଗଠନ କରିବା ସହିତ ନିର୍ବାଚନ ପାଇଁ ରାସ୍ତା କାଢ଼ିବେ । ଏବେ ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, ବିହାର, କର୍ଣ୍ଣାଟକ, ମହାରାଷ୍ଟ୍ର ଓ ଉତ୍ତରପ୍ରଦେଶରେ ବିଧାନ ପରିଷଦ ବ୍ୟବସ୍ଥା ରହିଛି । ଯଦି କିଛି ରାଜ୍ୟରେ ଏ ବ୍ୟବସ୍ଥା ଅଛି, ବିଭିନ୍ନ ସମୟରେ କେନ୍ଦ୍ର ସରକାର ଏମାନଙ୍କୁ ଅନୁମତି ଦେଇଛନ୍ତି, ସେବେ ଓଡ଼ିଶା କ୍ଷେତ୍ରରେ ଟାଳଟୁଳ ନୀତି କାହିଁକି ? କେଉଁ ପରିସ୍ଥିତିରେ ଓଡ଼ିଶା ବିଧାନସଭାର ଗୋଟିଏ ମତକୁ କେନ୍ଦ୍ର ସରକାର ଚାପି ଦେଇଛନ୍ତି ? ରାଜ୍ୟ ସରକାର ଏହାର ଆବଶ୍ୟକତା ଅନୁଭବ କରିବା ପରେ ଡାକ୍ତର ନୃସିଂହ ସାହୁଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ମହାରାଷ୍ଟ୍ର, କର୍ଣ୍ଣାଟକ, ବିହାର ଓ ତେଲେଙ୍ଗାନା ରାଜ୍ୟ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଥିଲେ । କମିଟିର ସୁପାରିଶକୁ ସରକାର ଗ୍ରହଣ କରି ୨୦୧୮ ଅଗଷ୍ଟ ୨୪ ତାରିଖରେ ରାଜ୍ୟ କ୍ୟାବିନେଟ୍ ଏହାକୁ ଅନୁମୋଦନ ଦେଇଥିଲେ । ପରେ ସେପ୍ଟେମ୍ବର ୬ରେ ଏହା ବିଧାନସଭାକୁ ଏହା ଆସିଥିଲା ।

ନିୟମ ଅନୁସାରେ, ବିଧାନ ପରିଷଦର ମୋଟ ସଭ୍ୟ ସଂଖ୍ୟା ରାଜ୍ୟର ବିଧାନସଭାର ସମୁଦାୟ ସଭ୍ୟ ସଂଖ୍ୟାର ଏକ ତୃତୀୟାଂଶ ଅର୍ଥାତ୍ ୪୯ ହେବ । ବିଧାନସଭା ପରିଷଦର ଏକ ତୃତୀୟାଂଶ ସଭ୍ୟ ଅର୍ଥାତ୍ ୧୬ ଜଣଙ୍କୁ ବିଧାନସଭାର ସଭ୍ୟମାନେ ନିର୍ବାଚିତ କରିବେ । ଆଉ ଏକ ତୃତୀୟାଂଶ ଅର୍ଥାତ୍ ୧୬ ଜଣ ସଦସ୍ୟଙ୍କୁ ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି ସଭ୍ୟ ଓ ସହରାଞ୍ଚଳ ଲୋକପ୍ରତିନିଧି ନିର୍ବାଚିତ କରିବେ । ଏକ ଦ୍ୱାଦଂଶ ତଥା ୪ ଜଣ ସଦସ୍ୟ ରାଜ୍ୟରେ ୩ ବର୍ଷରୁ ଅଧିକ ଅଭିଜ୍ଞତା ଥିବା ସ୍ନାତକଙ୍କୁ ନେଇ ଏକ ଇଲେକ୍ଟୋରାଲ କଲେଜ ମାଧ୍ୟମରେ ନିର୍ବାଚିତ ହେବେ । ସେହିଭଳି ଆଉ ୪ଜଣ ମାଧ୍ୟମିକ ତଥା ତଦୁର୍ଦ୍ଧ ବିଦ୍ୟାଳୟରେ ୩ ବର୍ଷରୁ ଅଭିଜ୍ଞତା ଥିବା ଶିକ୍ଷକଙ୍କୁ ନେଇ ଗଠିତ ଇଲେକ୍ଟୋରାଲ କଲେଜ ମାଧ୍ୟମରେ ନିର୍ବାଚିତ ହେବେ । ଅବଶିଷ୍ଟ ୯ ଜଣ ସଭ୍ୟ ସାହିତ୍ୟ, ବିଜ୍ଞାନ, କଳା, ସମବାୟ ଓ ସାମାଜିକ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଏବଂ କାର୍ଯ୍ୟରତ ଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ରାଜ୍ୟପାଳଙ୍କ ଦ୍ୱାରା ନିର୍ବାଚିତ ହେବେ ।

ଓଡ଼ିଶା ସରକାର ଏହି ପ୍ରସ୍ତାବକୁ ଅତି ଗମ୍ଭୀରତାର ସହିତ ନେଇଛନ୍ତି । ଯେହେତୁ ବିଧାନ ପରିଷଦ ଏକ ସ୍ଥାୟୀ ଗୃହ ଭାବେ କାର୍ଯ୍ୟ କରିବ ଓ ଏହାର ଏକ ତୃତୀୟାଂଶ ସଭ୍ୟ ପ୍ରତି ୨ ବର୍ଷରେ ନେବେ ଏଣୁ ବର୍ତ୍ତମାନ ପାଇଁ ଭୁବନେଶ୍ୱର ସ୍ଥିତ ସର୍ଦାର ପଟେଲ ହଲ ବା ପୁରୁଣା ବିଧାନ ସୌଧରେ ଏହା କାର୍ଯ୍ୟ କରିବ ବୋଲି ସରକାର ନିଷ୍ପତ୍ତି ନେଇ ସାରିଛନ୍ତି । ଓଡ଼ିଶା ବିଧାନସଭାର ଚାରିଶହରୁ ଅଧିକ ଆସନ ବିଶିଷ୍ଟ ସମ୍ମିଳନୀ କକ୍ଷର ତଳ ମହଲାକୁ ଉଭୟ ଗୃହର ମିଳିତ ବୈଠକରେ ରାଜ୍ୟପାଳଙ୍କ ଅଭିଭାଷଣ ନିମନ୍ତେ ବ୍ୟବହାର ହେବ । ଏପରିକି ପରିଷଦ ଗଠନ ଦ୍ୱାରା ବାର୍ଷିକ ଆଉ ୩୫ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଥିଲା ।

## ପ୍ରାଦେଶିକ ବିଶ୍ୱବିଦ୍ୟାଳୟ

### ମହାତ୍ମା ଗାନ୍ଧୀ



**କଂ**ଗ୍ରେସର କାର୍ଯ୍ୟନିର୍ବାହ ସକାଶେ ଭାଷାର ଭିତ୍ତି ଉପରେ ପ୍ରଦେଶଗୁଡିକର ପୁନର୍ବିଭାଜନ କରାଇବାର ନୀତିକୁ କଂଗ୍ରେସ ଦ୍ୱାରା ସ୍ୱୀକୃତ କରାଇ ନେବାରେ ପ୍ରଧାନତଃ ମୁଁ ନିମିତ୍ତରୂପେ କାର୍ଯ୍ୟ କରିଥିଲି । ଏହି ପୁନର୍ବିଭାଜନକୁ ଗ୍ରହଣ କରି ନିଅନ୍ତୁ ବୋଲି ମୁଁ ସର୍ବଦା ଆନ୍ଦୋଳନ ଚଳାଇ ଆସିଛି । ମୁଁ ବିଶ୍ୱାସ କରୁଛି ଯେ, ପ୍ରଦେଶଗୁଡିକର ସୀମା ନିର୍ଦ୍ଧାରଣ କରିଦେବା ପାଇଁ ଭାଷାର ଭିତ୍ତି ହେଉଛି ସମୁଚିତ ଭିତ୍ତି । ପାଖ ପାଖ ହୋଇ ଅବସ୍ଥିତ ନ ଥିବା ଦୁଇଟି ପ୍ରଦେଶରେ ଯଦି ଲୋକମାନେ ଏକା ଭାଷାରେ କଥାବାର୍ତ୍ତା ହେଉଥିବେ, ତେବେ ମୁଁ ଆଦୌ ଚିନ୍ତିତ ହେବି ନାହିଁ । ଯଦି କେରଳ ଓ କର୍ଣ୍ଣାଟକରେ ଗୋଟିଏ ଭାଷା ଚଳୁଥିବ, ମୁଁ ତଥାପି ସେମାନଙ୍କୁ ଦୁଇଟି ଅଲଗା ଅଲଗା ପ୍ରଦେଶରୂପେ ଗ୍ରହଣ କରିବି ।

ସମୃଦ୍ଧ ପ୍ରାଦେଶିକ ଭାଷାଗୁଡିକ ଏବଂ ସେଗୁଡିକ ବ୍ୟବହାର କରୁଥିବା ଲୋକମାନଙ୍କୁ ଯଦି ସେମାନଙ୍କର ପୂର୍ଣ୍ଣ ଉଚ୍ଚତାକୁ ପ୍ରାପ୍ତ କରିବାକୁ ହୁଏ, ତେବେ ଏହିଭଳି ବିଶ୍ୱବିଦ୍ୟାଳୟମାନ ରହିବା ଉଚିତ ବୋଲି ମୁଁ ବିଶ୍ୱାସ କରୁଛି । ମାତ୍ର, ତା' ସହିତ ମୋ'ର ଭୟ ମଧ ହେଉଛି ଯେ, ସେହି ଲକ୍ଷ୍ୟଟିକୁ ମୂର୍ତ୍ତ ରୂପ ଦେବାକୁ ଯାଇ ଆମେ ମିଛଠାରେ ଅତିରିକ୍ତ ପରିମାଣରେ ତରତର ହୋଇପଡୁଛୁ । ଭାଷାର ଭିତ୍ତିରେ ପ୍ରଦେଶଗୁଡିକର ରାଜନୀତିକ ପୁନର୍ବିଭାଜନ ହେଉ, ସେଇଟା ପ୍ରଥମ ସୋପାନ ହେବା ଉଚିତ ।

ବିଚ୍ଛିନ୍ନତାଧର୍ମୀ କୌଣସି ଭାବନାକୁ କଦାପି ସର୍ବୋଚ୍ଚ ବୋଲି କୁହାଯିବନାହିଁ । ପ୍ରତ୍ୟେକ ବ୍ୟକ୍ତି ନିଜ ବିଷୟରେ ଓ ନିଜ ପରିବାର ବିଷୟରେ ଚିନ୍ତା କରୁଛି । ସମଗ୍ର ଭାରତ ବିଷୟରେ କେହି ଚିନ୍ତା କରୁନାହିଁ । ଏହି କ୍ଷେତ୍ରରେ କେନ୍ଦ୍ରାନୁସାରିଣୀ ଶକ୍ତିଟିଏ ଅବଶ୍ୟ କାର୍ଯ୍ୟ କରୁଥାଏ ସତ, ମାତ୍ର ତାହା କୌଣସି ଶବ୍ଦ କରେ ନାହିଁ, କଦାପି କୋଳାହଳ କରେନାହିଁ । ଅପର ପକ୍ଷରେ କେନ୍ଦ୍ରାତିସାରିଣୀ ଶକ୍ତି ଉପରିଭାଗରେ ରହିଥାଏ ଏବଂ ଆପଣାର ସ୍ୱଭାବଦ୍ୱାରା ପ୍ରେରିତ ହୋଇ ଯଥାସମ୍ଭବ ଅଧିକ ପାଟି କରିଥାଏ ଓ ସମସ୍ତଙ୍କର ସେ ଆଡ଼କୁ ଦୃଷ୍ଟି ପଡୁବୋଲି ଦାବି କରୁଥାଏ । ନାନା ସାମ୍ପ୍ରଦାୟିକ ବ୍ୟାପାରର ରୂପ ଗ୍ରହଣ କରି ତାହା ନିଜକୁ ପ୍ରକାଶ କରେ । ଅନ୍ୟାନ୍ୟ କ୍ଷେତ୍ରରେ ଏହା ହିଁ ଭୟର ଏକ କାରଣ ହୋଇଛି ।

ଏପରିକି ଅତ୍ୟୁତ୍ସାହୀ ସଂସ୍କାରକମାନେ ମଧ ବିବାଦୀୟ ସମସ୍ୟାଗୁଡିକୁ ଏକ ଅଧିକ ଆଶାଜନକ ସମୟ ପର୍ଯ୍ୟନ୍ତ ଗଡ଼ାଇ ଦେବାକୁ ଇଚ୍ଛା କରିବେ, ଯେତେବେଳେ କି, ଦେଶର ସ୍ୱାର୍ଥ ଦୃଷ୍ଟିରୁ କିଛି ଦେବା ଓ କିଛି ପାଇବା ନୀତିର ଗୁଣଗୁଡିକୁ ସମସ୍ତେ ମୁକ୍ତ ଭାବରେ ସ୍ୱୀକାର କରିନେବେ ଏବଂ କ୍ଷୁଦ୍ର ସ୍ୱାର୍ଥଗୁଡିକୁ ଭାରତ ବର୍ଷର ହିତ ଓ ସ୍ୱାର୍ଥ ଆଗରେ ଗୌଣ ବୋଲି ବିଚାର କରାଯିବ, ଭାରତର ହିତ ଭିତରେ ସମସ୍ତଙ୍କର ହିତ ଅନ୍ତର୍ଭୁକ୍ତ ହେବ ।

ତେଣୁ ମୋ' ଭଳି ଯେଉଁମାନେ ବର୍ତ୍ତମାନ ମୁହୂର୍ତ୍ତରେ ରଚନାତ୍ମକ ପ୍ରସ୍ତାବମାନ ଆସୁ ଓ ଆଲୋଚିତ ହେଉ ବୋଲି ଇଚ୍ଛା କରୁଛନ୍ତି, ସେମାନଙ୍କୁ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବା ଲାଗି କାର୍ଯ୍ୟ କରିବାକୁ ହେବ, ତଦ୍ୱାରା ମତଭେଦ ସ୍ଥାନରେ ସହମତି ସ୍ଥାପିତ ହେବ, ସଂଘର୍ଷ ବଦଳରେ ଶାନ୍ତି ସ୍ଥାପିତ ହେବ, ପଛକୁ ଖସିପଡିବା ସ୍ଥାନରେ ଅଗ୍ରଗତି ସମ୍ଭବ ହେବ ଏବଂ ମୃତ୍ୟୁ ସ୍ଥାନରେ ଜୀବନର ପ୍ରତିଷ୍ଠା ହୋଇ ପାରିବ ।

## ବହୁ ଉପକାରୀ ପାଣିକଖାରୁ

**ଗାଁ** ଗଣ୍ଡାରୁ ଆରମ୍ଭ କରି ସହରବଜାର ସବୁଆଡ଼େ ପାଣିକଖାରୁ ମିଳୁଥିବା ବେଳେ ଏହାର ସ୍ୱାସ୍ଥ୍ୟ ଉପକାରିତା ଚରକ ସଂହିତା ଏବଂ ଅଷ୍ଟାଙ୍ଗ ହୃଦୟ ସଂହିତାରେ ଉଲ୍ଲେଖ ରହିଛି । ଭାରତ, ମାଲେସିଆ, ଚୀନ, ପାପୁଆ ନ୍ୟୁଗିନି ଆଦି ସ୍ଥାନରେ ଏହା ଚାଷ କରାଯାଏ । ଏହାକୁ ମଧ ନୂଆ ଘର ଆଗରେ ଟଙ୍ଗାଯାଇ ଘରକୁ କୁଦୃଷ୍ଟିରୁ ରକ୍ଷା କରାଯାଇଥାଏ । ଏବେ ପାଣି କଖାରୁ ଦେଶବିଦେଶରେ ସହଜରେ ମିଳିପାରୁଛି । ଏହା ଭିଟାମିନ୍ ବି-୧ (ଥାୟାମିନ୍), ଭିଟାମିନ୍ ବି-୩ (ନାଇସିନ୍) ଭିଟାମିନ୍ ସି ସହିତ କ୍ୟାଲସିୟମ୍, ପଟାସିୟମ୍‌ରେ ଭରପୁର । ତେଣୁ ରକ୍ତଚାପ ସୁସ୍ଥ ରଖିବା ଲାଗି ଏହା ଏକ ଭଲ ଖାଦ୍ୟ । ଏଥିରେ ୯୬ ପ୍ରତିଶତ ଜଳ ଥିବାରୁ ଡାଏଟିଂ କରୁଥିବା ବ୍ୟକ୍ତିଙ୍କ ପାଇଁ ମଧ ଖୁବ୍ ଭଲ । ଏହାର ଔଷଧୀୟ ଗୁଣ ଯୋଗୁଁ ଏହାକୁ ବିଭିନ୍ନ ପ୍ରକାର ଡିଜଅର୍ଡରର ଚିକିତ୍ସାରେ ବ୍ୟବହାର କରାଯାଏ । ଆୟୁର୍ବେଦରେ ଏହାକୁ ମସ୍ତିଷ୍କ ପାଇଁ ଖୁବ୍ ଉପଯୋଗୀ ବୋଲି କୁହାଯାଇଛି । ବିଭିନ୍ନ ପ୍ରକାର ମାନସିକ ରୋଗ, ସ୍ନାୟୁବିକାର ଯଥା- ଅପସ୍ମାର, ପାରାନୋଇଆ (ଏକ ପ୍ରକାର ସନ୍ଦେହକାରକ ବିକୃତି), ଇନସାନିଟି (ବାତୁଳତା) ଆଦି ପାଇଁ ଏହା ଖୁବ୍ ଭଲ ଖାଦ୍ୟ ।



ପେପଟିକ ଅଲସର ପାଇଁ ପାଣିକଖାରୁ ରସ ଏକ ଲୋକପ୍ରିୟ ଉପଚାର ପଦ୍ଧତି । ଏହା ପାକସ୍ଥଳୀ ଏବଂ ଅନ୍ତ୍ରନଳୀରୁ ସମସ୍ତ କ୍ଷତିକାରକ ବ୍ୟାକ୍ଟେରିଆ ସଫା କରିଦିଏ । ଏକପ୍ରକାର ଆଣ୍ଟି ମାଇକ୍ରୋବାୟାଲ ଏଜେଣ୍ଟ ଭାବେ କାମ କରିଥାଏ ପାଣିକଖାରୁ । ଏହା ମଧ ଡାଇବେଟିସ୍ ପାଇଁ ଖୁବ୍ ଭଲ । ଏଥି ସହିତ ଆଜମା, ରକ୍ତଜନିତ ରୋଗ, କିଡନୀ ଷ୍ଟୋନ ଆଦି ସମସ୍ୟା ଲାଗି ମଧ ପାଣିକଖାରୁ ଖୁବ୍ ଉପକାରୀ ।

ପାଣିକଖାରୁ ଗଛର ପ୍ରତ୍ୟେକ ଅଂଶ ଉପକାରୀ । ଚର୍ମରେ ହୋଇଥିବା କ୍ଷତର ଉପଚାର ଲାଗି ଏହାର ପତ୍ରକୁ ବ୍ୟବହାର କରାଯାଏ । ରକ୍ତସ୍ରାବ ରୋକିବାରେ ଏହି ପତ୍ର ଖୁବ୍ ଉପକାରୀ । ଏଥି ସହିତ ନିୟମିତ ପାଣିକଖାରୁ ପତ୍ର ଖାଇଲେ ଖରାଦିନେ ନାକରୁ ରକ୍ତ ପଡିବା, ଅଲସରରେ ରକ୍ତସ୍ରାବ, ଅର୍ଶ, ପରିସ୍ରାରେ ରକ୍ତପଡିବା ପରି ସମସ୍ୟାର ଉପଚାରରେ ସହାୟକ ହୋଇଥାଏ । ଏଥିପାଇଁ ପାଣିକଖାରୁ ଜୁସ୍ ଆହୁରି ଉପକାରୀ । ମଞ୍ଜି ଦ୍ୱାରା ପେଟକୃମିର ଚିକିତ୍ସା ହୁଏ । ପାଣିକଖାରୁର ଚୋପା ଏବଂ ମଞ୍ଜିକୁ ପୋଡି ସେହି ପାଉଁଶକୁ ନଡିଆ ତେଲ ସହିତ ମିଶାଇ ଲଗାଇଲେ କେଶ ବଢ଼ିବା ସହ ରୁପିରୁ ମୁକ୍ତି ମିଳେ । ପାଣିକଖାରୁ ରସକୁ ଲେମ୍ବୁରସରେ ମିଶାଇ ଫେସପ୍ୟାକ୍ ଭଳି ଲଗାଇଲେ କଳାଦାଗ ଦୂର କରି ପ୍ରାକୃତିକ ଉଜ୍ୱଳତା ପ୍ରଦାନ କରେ ।

# ଶରୀରର ପାଇଁ ଉପାଦେୟ ଔଷଧୀୟ ଗୁଳ୍ମ

**ଯେ**ଉଁ ଆବାହମାନ କାଳରୁ ମଣିଷ ନିଜକୁ ସୁସ୍ଥ ରଖିବା ପାଇଁ, ପୋଷଣ ପାଇଁ ବା ରୋଗର ନିରାକରଣ ପାଇଁ ଗୁଳ୍ମ ଓ ବୃକ୍ଷଲତାକୁ ବ୍ୟବହାର କରି ଆସୁଅଛି । ବୃକ୍ଷଲତାର ପତ୍ର, ଫୁଲ, ଫଳ, ଛାଲି, ଚେର, କନ୍ଦ, ମୂଳରୁ ବିଭିନ୍ନ ଉପାୟରେ ରସ, ଚୂର୍ଣ୍ଣ, କ୍ୱାଥ, ହିମ ଫାଂଟ ପ୍ରସ୍ତୁତ କରି ସେବନ ଓ ଲେପନ କରି ଉପକାର କରିପାରୁଛି । ବିଜ୍ଞାନ ମତରେ ଏହାକୁ ଉଦ୍ଭିଦ ଚିକିତ୍ସା ବା ହରବାଲ୍ ଥେରାପି ନାମରେ ନାମିତ କରାଯାଇଛି । ସାରା ବିଶ୍ୱରେ ବିଭିନ୍ନ ସଂସ୍କୃତିର ଲୋକମାନଙ୍କ ଠାରେ ଭିନ୍ନ ଭିନ୍ନ ସଂସ୍କୃତି ଗତ ପାରମ୍ପରିକ ଉଦ୍ଭିଦଚିକିତ୍ସା ଦେଖାଯାଏ । ସେମାନଙ୍କ ମଧ୍ୟରୁ ଭାରତ, ଚୀନ୍, କାନାଡା, ନରୱେ, ଦକ୍ଷିଣ ଆଫ୍ରିକା, ଯୁକ୍ତରାଷ୍ଟ୍ର ଆମେରିକା, ନାଇଜେରିଆ, ଜର୍ମାନ ଇତ୍ୟାଦି ପ୍ରଧାନ ।

ଆମ ଭାରତୀୟ ଚିକିତ୍ସା ବିଜ୍ଞାନ ଆୟୁର୍ବେଦର ଯଥେଷ୍ଟ ପୂର୍ବରୁ ଏହି ନିରାପଦ, ପାର୍ଶ୍ୱ ପ୍ରତିକ୍ରିୟା ବିହିନ ପାରମ୍ପରିକ ଉଦ୍ଭିଦ ଚିକିତ୍ସା ଲୋକପ୍ରିୟ । ଶରୀରର ଆପାଦ ମସ୍ତିଷ୍କ ସମସ୍ତ ଚିକିତ୍ସା ଲୋକପ୍ରିୟ । ଶରୀରର ଆପାଦ ମସ୍ତିଷ୍କ ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗର ସୁସ୍ଥତା ପାଇଁ ପ୍ରକୃତି ତାହାର ପ୍ରାକୃତିକ ଗୁଳ୍ମରାଜି ମଧ୍ୟରେ ଔଷଧୀୟତ୍ୱ ସାଇତି ରଖିଛି । ଏହାକୁ ଅଙ୍ଗପ୍ରତ୍ୟଙ୍ଗର ରୋଗ ପ୍ରତିଷେଧକ ଭାବେ ବା ଅସ୍ୱାଭାବିକ







ଲକ୍ଷଣ ଲକ୍ଷ୍ୟ କରି ସେବନ କରିପାରିବା ।

**କେଶ ପାଇଁ ଅଁଳା:** ଅଁଳା ରସ ଲଗାଇଲେ କେଶ ଝଡେ ନାହିଁ, ଅକାଳରେ କେଶ ପାଚେ ନାହିଁ ଓ କେଶ କଳାବର୍ଣ୍ଣ ଦେଖାଯାଏ । ଅଁଳା ରସ ପ୍ରତିଦିନ ସେବନ କଲେ ଅମ୍ଳପିତ୍ତ ନାଶହୁଏ ଓ ଦୃଷ୍ଟିଶକ୍ତି ବୃଦ୍ଧିପାଏ, ସର୍ଦ୍ଦି-କାଶ ହୁଏ ନାହିଁ ଓ ଦାନ୍ତମାଢ଼ିରୁ ରକ୍ତ ପଡୁଥିଲେ ଦୂରହୁଏ ।

**ଚର୍ମ ପାଇଁ ରାଶି:** ରାଶି ତେଲ ମାଲିସ କଲେ କେଶର କଷ୍ଟତା ଓ ଚର୍ମର ସ୍ନିଗ୍ଧତା ଅକ୍ଷୁର୍ଣ୍ଣ ରହେ । ଚର୍ମରେ ଅଧିକ ରକ୍ତ ସଞ୍ଚାଳନ ହେବା ଦ୍ୱାରା ଶରୀରର ସମସ୍ତ ବିଷାକ୍ତ ପଦାର୍ଥ ବାହାରିଯାଏ ।

ଗୋଲାପଫୁଲକୁ ପାଣିରେ ରାତିରେ ବତୁରାଇ ସକାଳେ ସଂଗୃହିତ ପାଣିକୁ ଆଖିରେ ପକାଇଲେ ଆଖିର ଦୃଷ୍ଟିଶକ୍ତି ଅତୁଟ ରହେ ଓ ଆଖିକୁ ଆରାମ ଲାଗେ । ଓଠରେ ଗୋଲାପଜଳ ଲଗାଇଲେ ଓଠ ଫାଟେ ନାହିଁ ଓ ଓଠର ରଙ୍ଗ ସ୍ୱାଭାବିକ୍ ରହେ ।

**ନାକ ପାଇଁ ଜଡ଼ା:** ନାକର ଉଭୟ ପାର୍ଶ୍ୱରେ ଜଡ଼ାତେଲ ଦୁଇବୁନ୍ଦା ପ୍ରତ୍ୟହ ନସ୍ୟ ଡଳେ ଥଣ୍ଡା, ମୁଣ୍ଡ ଓଜନିଆ ଲାଗିବା ଏବଂ ମୁଣ୍ଡବ୍ୟଥା ସାଧାରଣତଃ ହୋଇ ନ ଥାଏ ।

**କାନ ପାଇଁ ସୋରିଷ:** ତେଲ ମାଲିସ୍ ସମୟରେ ଶ୍ରବଣ ଶକ୍ତି ବଜାୟ ରହେ । କାନବଥା, କାନରେ ଶବ୍ଦ ହେବା, କାନକୁ ଭଲ ନ ଶୁଭିବା ଦୂରହୁଏ ।

**ପାଟି/ଦାନ୍ତ ପାଇଁ ବଉଳ/ କରଞ୍ଜ:** ବଉଳ ବା କରଞ୍ଜ ଦାନ୍ତକାଠିରେ ଦାନ୍ତ ଘଷିଲେ ବା ଏହାର ଛାଲିର କ୍ୱାଥରେ କୁଳି କଲେ ଦାନ୍ତ, ଦାନ୍ତମାଢ଼ି ଓ ପାଟି ଭିତରର ରୋଗ ଦୂରହୁଏ ।

**ହାଡ଼ ପାଇଁ ହାଡଯୋଡ:** ଏହାର ସ୍ୱରସ ସେବନ କଲେ ସର୍ବାଙ୍ଗ ଶରୀରର ଅସ୍ଥି ବା ହାଡ଼ ମଜବୁତ୍ ରହେ । ସରଳ ଅସ୍ଥିଭଗ୍ନ ସ୍ଥାନରେ ଏହାକୁ ପଟିବାନ୍ଧି ଏହାର ରସ ପ୍ରତ୍ୟହ ସେବନ କଲେ ଭଗ୍ନସ୍ଥାନ ଶୀଘ୍ର ଯୋଡି ହୋଇଯାଏ ।

**ଖାଦ୍ୟନଳୀ ପାଇଁ ଯଷ୍ଟିମଧୁ:** ଯଷ୍ଟିମଧୁ ଚୂର୍ଣ୍ଣ ସେବନ କଲେ ଖାଦ୍ୟନଳୀ ବ୍ୟାଧିଗ୍ରସ୍ତ ହୁଏ ନାହିଁ ଓ କାସ ପାଇଁ ହିତକର ।

**ହୃଦୟ ପାଇଁ ଅର୍ଜୁନ:** ଅର୍ଜୁନ ଛାଲିର ଚୂର୍ଣ୍ଣ ବା ସିଝାପାଣି ହୃଦୟ ପାଇଁ ହିତକର । ରକ୍ତର ଚର୍ବିଜାତୀୟ ପଦାର୍ଥ ନିୟନ୍ତ୍ରିତ ରଖେ ।

**ଆମାଶୟ ପାଇଁ ଅଦା:** ଅଦା ରସ ସେବନ କଲେ ଆମାଶୟ ସୂଚାରୁ ରୂପେ ଖାଦ୍ୟ ହଜମ କରିବାରେ ସମର୍ଥ ହୁଏ ।

**ଯକୃତ ପାଇଁ ଭୁଇଁନିମ୍ବ:** ଏହାର ଚୂର୍ଣ୍ଣ/ ସିଝାପାଣି ଯକୃତରୁ ପିତ୍ତକ୍ଷରଣ ସ୍ୱାଭାବିକ କରାଇ ଯକୃତ ସ୍ୱାସ୍ଥ୍ୟ ବଜାୟ ରଖେ ।

**ପ୍ଲୀହା ପାଇଁ ପିପ୍ପଳୀ:** ଏହାର ଚୂର୍ଣ୍ଣ ଗ୍ରହଣ କଲେ ପ୍ଲୀହାବୃଦ୍ଧି ଦୂରହୁଏ ।

**କ୍ଷୁଦ୍ରାନ୍ତ୍ର ପାଇଁ ଡାଳିମ୍ବ:** କ୍ଷୁଦ୍ରାନ୍ତ୍ରରେ ପାଚନ କ୍ରିୟା ଠିକ୍ ରଖେ, ହୃଦରୋଗ ପ୍ରତିରୋଧ ତଥା ରକ୍ତ ନିର୍ମାଣରେ ସାହାଯ୍ୟ କରେ । ବୃହଦନ୍ତ୍ର ପାଇଁ ଡାଳିମ୍ବଚୋପା ଅତିସାର ଓ ନାଳଝାଡାରେ ଉପକାରୀ ।

**ବୃକ୍କ, ମୂତ୍ରନଳୀ, ମୂତ୍ରାଶୟ ପାଇଁ ଗୋକ୍ଷୁରା:** ଏହାରଚୂର୍ଣ୍ଣ ସିଝାପାଣି ମୂତ୍ରବହ ସଂସ୍ଥାନର କ୍ରିୟାକୁ ସ୍ୱାଭାବିକ କରାଏ ।

**ଅଣ୍ଡକୋଷ ପାଇଁ ବାଇଡ଼ଙ୍କ ମଞ୍ଜି:** ଶୋଧିତ ମଞ୍ଜିର ଚୂର୍ଣ୍ଣ ସେବନ କଲେ ଶୁକ୍ର କଣିକା ତଥା ଶୁକ୍ରଧାତୁର ବୃଦ୍ଧି ପରିଲକ୍ଷିତ ହୁଏ । ସ୍ନାୟବିକ ଦୁର୍ବଳତା ଓ ହାତଗୋଡ଼ ଥରିବା ଦୂର ହୁଏ ।

**ସ୍ନାୟୁ ଓ ମାଂସପେଶୀ ପାଇଁ ଆଶ୍ୱଗନ୍ଧା:** ଏହାର ଚୂର୍ଣ୍ଣ ସେବନରେ ମାଂସପେଶୀ ସବଳ ତଥା ଶାରୀରିକ ଶକ୍ତିବୃଦ୍ଧି ପାଏ ।

**ମାଂସପେଶୀ ପାଇଁ ଚାଉଳ:** ଏହା ମାଂସପେଶୀ, ଶରୀରର ଅଙ୍ଗପ୍ରତ୍ୟଙ୍ଗରେ ବୃଦ୍ଧି ତଥା ପରିପୋଷଣରେ ସହାୟକ ହୁଏ ।

**ଚର୍ମ ପାଇଁ ହଳଦୀ:** ହଳଦୀ ଚୂର୍ଣ୍ଣ ସେବନ ଦ୍ୱାରା ଚର୍ମର ବର୍ଣ୍ଣ ଅତୁଟ ରହେ ଏବଂ କୃମିରୋଗ ଓ ଚର୍ମରୋଗ ନାଶ ହୁଏ ।

**ଅଗ୍ନାଶୟ ପାଇଁ ଅପମାର୍ଗ:** ଏହାର କ୍ଷାର ବା ସିଝାପାଣି ଅଗ୍ନାଶୟର କାର୍ଯ୍ୟକୁ ତ୍ୱରାନ୍ୱିତ କରେ ଓ ରକ୍ତଶର୍କରା ନିୟନ୍ତ୍ରିତ କରେ । ଏମିତି ବି ପ୍ରତିଦିନ ଆମେ ବିଭିନ୍ନ ବୃକ୍ଷଲତାର ବିଭିନ୍ନ ଅଂଶକୁ ଶାଗ ଓ ପନିପରିବା ଭାବରେ ଖାଦ୍ୟ ରୂପେ ଗ୍ରହଣ କରୁଛେ । ନିଜର ଆବଶ୍ୟକତାକୁ ବିଚାର କରି ବିଭିନ୍ନ ବୃକ୍ଷଲତାର ପ୍ରଯୁଜ୍ୟ ଅଙ୍ଗକୁ ଗ୍ରହଣ କଲେ କ୍ଷତି କ'ଣ ? ପ୍ରକୃତିର ଦାନକୁ ଗ୍ରହଣ କରି ପ୍ରତିଦାନରେ ଆସନ୍ତୁ ସଚେତନ ନାଗରିକ ଭାବରେ ବାଡିବଗିଚାରେ ନିଜର ଆବଶ୍ୟକୀୟ ଗଛଟିଏ ଲଗାଇବା ।

## ମାନସିକତାକୁ ସକାରାତ୍ମକ କରାଏ ସ୍ମାର୍ଟଫୋନ

**ଆ**ଜିକାଲି ସ୍ମାର୍ଟଫୋନର ବ୍ୟବହାର ବହୁଳ ଭାବରେ କରାଯାଉଛି । କିନ୍ତୁ ଉପଯୁକ୍ତ ଭାବରେ ଏହାକୁ ବ୍ୟବହାର କଲେ ମାନସିକତା ଅଧିକାଂଶ ସମୟ ସକାରାତ୍ମକ ରହିଥାଏ ବୋଲି ସଦ୍ୟତମ ଗବେଷଣାରୁ ଜଣାପଡିଛି । ସକାରାତ୍ମକ ମାନସିକତା ଓ ସ୍ମାର୍ଟଫୋନ୍ ବିଷୟ ଉପରେ ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ କରିଥିବା ଗବେଷଣାରୁ ଏଭଳି ତଥ୍ୟ ଲୋକଲୋଚନକୁ ଆସିଛି । ସ୍ମାର୍ଟଫୋନ ବ୍ୟବହାର କରୁଥିବା ବ୍ୟକ୍ତିମାନଙ୍କୁ ଦୁଇ ଭାଗରେ ବିଭକ୍ତ କରି ଏଭଳି ସର୍ଭେ କରାଯାଇଥିଲା । ଯେଉଁମାନେ ଆବଶ୍ୟକ ମୁତାବକ



ସ୍ମାର୍ଟଫୋନ ବ୍ୟବହାର କରୁଥିଲେ ସେମାନଙ୍କର ମାନସିକତା ଅନ୍ୟମାନଙ୍କ ତୁଳନାରେ ଅଧିକ ସକ୍ରିୟ ରହୁଥିବାର ସେମାନେ ଜାଣିବାକୁ ପାଇଥିଲେ । ହେଲେ ଏହାର ଅନାବଶ୍ୟକ ବ୍ୟବହାର ସଂପୃକ୍ତ ବ୍ୟକ୍ତିଙ୍କ କାର୍ଯ୍ୟଦକ୍ଷତାକୁ ଅନେକାଂଶରେ ପ୍ରଭାବିତ କରିଥାଏ ବୋଲି ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି ।

## ଡେଙ୍ଗୁର ମହୌଷଧି ଅମୃତ ଭଣ୍ଡା ପତ୍ର

**ମ**ଶା କାମୁଡ଼ାରୁ ବ୍ୟାପୁଥିବା ଡେଙ୍ଗୁ ଭୟଙ୍କର ହୋଇଥାଏ । ସମୟ ପୂର୍ବରୁ ଯଦି ଏଥିପ୍ରତି ଧ୍ୟାନ ଦିଆଯାଏ, ତେବେ ଭବିଷ୍ୟତରେ ଏହା ପ୍ରାଣଘାତକ ସାବ୍ୟସ୍ତ ହୋଇପାରେ । ଏହି ରୋଗରେ ରକ୍ତରେ ପ୍ଲେଟଲେଟ୍ସ ତୀବ୍ର ବେଗରେ ହ୍ରାସ ହୋଇଥାଏ । ଦୀର୍ଘ ସମୟ ଧରି ମୁଣ୍ଡବିନ୍ଧା, ଗଣ୍ଠିବିନ୍ଧା, ଜ୍ୱର ଓ ଦେହରେ ଲାଲ ଦାଗ ଡେଙ୍ଗୁର ପ୍ରମୁଖ ଲକ୍ଷଣ । ରକ୍ତ ପରୀକ୍ଷା କରିବା ପରେ ଯାଇ ରୋଗ ସମ୍ପର୍କରେ ଜଣାପଡେ । ଡେଙ୍ଗୁ ଉପରେ କାବୁ ପାଇବାକୁ ଏ ପର୍ଯ୍ୟନ୍ତ ସେମିତି କୌଣସି ଔଷଧ ସାମନାକୁ ଆସିନାହିଁ । କିନ୍ତୁ କିଛି ପ୍ରାକୃତିକ ତତ୍ତ୍ୱ ମାଧ୍ୟମରେ ଏଥିରୁ ରକ୍ଷାପାଇହେବ । ସାଧାରଣ ଭାବେ ଅମୃତଭଣ୍ଡାକୁ ପରିବା ଓ ଫଳ ଭାବେ ବ୍ୟବହାର କରାଯାଇ



ଅନେକ ରୋଗର ଉପଚାର କରାଯାଇଥାଏ । କିନ୍ତୁ ଜାଣନ୍ତି ଏହାର ପତ୍ରରେ ଭରି ରହିଛି ଅନେକ ଔଷଧୀୟ ଗୁଣ । ଅମୃତଭଣ୍ଡା ପତ୍ରରେ ପ୍ଲେଟଲେଟ୍ସ ବୃଦ୍ଧି କରିବାରେ ଅଦ୍ୱିତୀୟ କ୍ଷମତା ଭରପୁର୍ ରହିଛି । ଏହାସହ ଏଥିରେ ଆଣ୍ଟିମ୍ୟାଲେରିଆ ଗୁଣ ମହଜୁଦ୍ ଥିବାରୁ ଡେଙ୍ଗୁ ଓ ମ୍ୟାଲେରିଆ ସହ ଲଢ଼ିବାରେ ସହାୟକ ହୁଏ । ଡେଙ୍ଗୁ ଚିକିତ୍ସା ପାଇଁ ଅମୃତଭଣ୍ଡା ପତ୍ରର ବ୍ୟବହାର ଅନେକ ଗବେଷଣାରେ ପ୍ରମାଣିତ ହୋଇ ସାରିଛି । ୪୦୦ ଡେଙ୍ଗୁ ରୋଗୀଙ୍କ ଉପରେ କରାଯାଇଥିବା ଏକ ଗବେଷଣାରେ ପ୍ରାୟ ୨୦୦ ଡେଙ୍ଗୁ ରୋଗୀ ଅମୃତଭଣ୍ଡା ପତ୍ରର ବ୍ୟବହାରରେ ରକ୍ଷା ପାଇଛନ୍ତି । ଏଥିପାଇଁ ପ୍ରଥମେ ମଧ୍ୟମ ଆକାରର କିଛି ଅମୃତଭଣ୍ଡା ପତ୍ରକୁ ନେଇ ଖରାରେ ଅଳ୍ପ ଶୁଖାନ୍ତୁ । ଏବେ ଏଗୁଡିକୁ ଧୋଇ ଅତିକମରେ ୨ ଲିଟର୍ ପାଣିରେ ଫୁଟାନ୍ତୁ ଯେପରି ପାଣି ଅଧା ହୋଇଯିବ । ପରେ ଏହି ମିଶ୍ରଣକୁ ଛାଣି ପିଇବା ଦ୍ୱାରା ଡେଙ୍ଗୁ ଜ୍ୱରରୁ ଆରୋଗ୍ୟ ମିଳେ ।

## ଥକାପଣ ଦୂର କରେ ବିଟ୍



**ଆ**ମେରିକାନ୍ ଜର୍ନଲ ଅଫ୍ ଇଣ୍ଟରାକ୍ଟିଭ ଆଣ୍ଡ କମ୍ପାରେଟିଭ ଫିଜିୟୋଲଜିରେ ପ୍ରକାଶିତ ଏକ ନୂତନ ଅଧ୍ୟୟନ ଅନୁସାରେ ବିଟ୍ ଶରୀରର ଥକ୍କାପଣ ଦୂର କରିବାରେ ସହାୟକ ହୋଇଥାଏ । ସାଲଡ଼ରେ କିମ୍ବା ଜୁସ୍ ରୂପରେ ବିଟ୍‌କୁ ନିୟମିତ ଆହାରରେ ସାମିଲ କଲେ ଅସମୟରେ ଥକ୍କାପଣ ତଥା ବ୍ୟାୟାମ କରିବା ପରେ ଅନୁଭୂତ ହେଉଥିବା ଥକ୍କାପଣରୁ ମୁକ୍ତି ମିଳିଥାଏ । ପ୍ରକୃତରେ ଏହା ରକ୍ତରେ ଅମ୍ଳଜାନର ମାତ୍ରା ବଢ଼ାଇବାରେ ସହାୟକ ହୋଇଥାଏ । ଏଥିପାଇଁ ଏହାର ନିୟମିତ ସେବନ ଦ୍ୱାରା ଥକ୍କାପଣ ଦୂର ହୋଇଯାଇଥାଏ ।

## ଅବସାଦରୁ ରକ୍ଷା କରିବ ପ୍ରାର୍ଥନା

**ଆ**ଜିକାଲିର ବ୍ୟସ୍ତମୟ ଜୀବନରେ ଜଣେ ବ୍ୟକ୍ତି ଅବସାଦଗ୍ରସ୍ତ ହେବା କିଛି ନୂଆ କଥା ନୁହେଁ । ଏଥିରୁ ରକ୍ଷା ପାଇବା ସହଜ ନୁହେଁ । ତେବେ ଏହି ସମୟରେ ଡାକ୍ତରଙ୍କ ସହ ପରାମର୍ଶ କରିପାରନ୍ତି । ହେଲେ ଏଭଳି ଏକ ସରଳ ଉପାୟ



ରହିଛି ଯାହାଦ୍ୱାରା ଆପଣ ଅବସାଦ ଠାରୁ ନିଜକୁ ଦୂରେଇ ରଖି ପାରିବେ । ତାହା ହେଲା ପ୍ରାର୍ଥନା । ଅବସାଦଗ୍ରସ୍ତ ହେବା ପରେ ଯଦି ଜଣେ କିଛି ସମୟ ଶାନ୍ତ ପରିବେଶରେ କିଛି ସମୟ ପ୍ରାର୍ଥନା କରନ୍ତି ତେବେ ତାହାର ସୁଫଳ ମିଳିବ ବୋଲି ଯୁକ୍ତି ବାଢ଼ିଛନ୍ତି ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ । ପ୍ରାର୍ଥନାର ସୁପ୍ରଭାବ କେବଳ ଅବସାଦ ଉପରେ ନୁହେଁ, ଏହାଦ୍ୱାରା ଜଣେ ନିରୋଗ ମଧ୍ୟ ରହିଥାଏ । ମନରେ ଶାନ୍ତି ଆଣିବା ସହ ଶରୀରକୁ ଆହୁରି ଚଳଚଞ୍ଚଳ କରାଇଥାଏ । ଖାସ୍ କଥା ହେଲା, ନିୟମିତ ବ୍ୟାୟାମ କରିବା ଦ୍ୱାରା ରକ୍ତଚାପ (ବ୍ଲଡପ୍ରେସର) ମଧ୍ୟ ସନ୍ତୁଳିତ ରହିଥାଏ ।

## ରାମକଥା

ନାଭିକୁଣ୍ଡ ପୀୟୂଷ ବସ ଯାକେଂ । ନାଥ ଜିଅତ ରାବନୁ ବଲ ତାକେଂ ।

ଆଉ ଏଥିଯୋଗୁଁ ରାବଣ ମରୁନାହିଁ । ଏହାର ନାଭିରେ ଥିବା ଅମୃତକୁ ଯଦି ଆଗ୍ନେୟାସ୍ତ୍ରରେ ଶୁଷ୍କ କରି ଦିଆଯାଏ ତେବେ ରାବଣ ମରିବ । ନାଭିରେ ଥିବା ଅମୃତ ଶୁଖାଇ ଦେଲେ ରାବଣ ଗଣ୍ଡିରେ ମୁଣ୍ଡ ଆଉ ଲାଗିଯାଇ ପାରିବ ନାହିଁ । ଶ୍ରୀରାମ ସଙ୍ଗେ ସଙ୍ଗେ ଆଗ୍ନେୟାସ୍ତ୍ର ସନ୍ଧାନ କଲେ ।

ଆଗ୍ନେୟାସ୍ତ୍ର ରାବଣର ନାଭିଚକ୍ରରେ ବିଦ୍ଧ ହେଲା । ଆଉ ରାବଣର ମୁଣ୍ଡ ଓ ହାତ ଗୁଡ଼ିକ ଛେଦି ପକାଇଲା । ମସ୍ତକ ଛିନ୍ନ ହୋଇଯିବାରୁ ରାବଣର ତେଜ ହ୍ରାସ ହୋଇଗଲା । ଏଥର ତାର ବିନାଶକାଳ ଉପସ୍ଥିତ ହୋଇଗଲା । ଶେଷରେ କେବଳ ତାର ଗୋଟିଏ ମାତ୍ର ମସ୍ତକ ଓ ଦୁଇଟି ହାତ ରହିଥିଲା । ଏହି ସମୟରେ ମାତଳି ଶ୍ରୀରାମଙ୍କୁ କହିଲେ ପ୍ରଭୁ ! ଏହାର ମସ୍ତକକୁ ପ୍ରହାର କରନ୍ତୁ ନାହିଁ । ବକ୍ଷସ୍ଥଳକୁ ପ୍ରହାର କରନ୍ତୁ । ବ୍ରହ୍ମାସ୍ତ୍ରରେ ଅତିଶୀଘ୍ର ରାବଣର ମର୍ମସ୍ଥଳ ବିଦୀର୍ଣ୍ଣ କରି ଦିଅନ୍ତୁ ।

ମହର୍ଷି ଅଗସ୍ତ୍ୟ ଶ୍ରୀରାମଙ୍କୁ ବ୍ରହ୍ମାସ୍ତ୍ରର ଉପଦେଶ ଦେଇଥିଲେ । ସେହି ବ୍ରହ୍ମାସ୍ତ୍ରରେ ଶ୍ରୀରାମ ରାବଣକୁ ପ୍ରହାର କଲେ । ବ୍ରହ୍ମାସ୍ତ୍ର ରାବଣର ମର୍ମସ୍ଥଳକୁ ବିଦୀର୍ଣ୍ଣ କରିବା ମାତ୍ରେ ରାବଣ ତଳେ ପଡ଼ି ମରିଗଲା ।

ବିଭେଦ ହୃଦୟଂ ତୂର୍ଣ୍ଣ ରାବଣସ୍ୟ ମହାତ୍ମନଃ ।

ରାବଣସ୍ୟହରତ୍ ପ୍ରାଣାନ୍ବିବେଶ ଧରଣୀତଳେ ।

ରାବଣ ତଳେ ପଡ଼ିଯିବା ଦେଖି ଦେବତାମାନେ ଅତି ପ୍ରସନ୍ନ ହୋଇଗଲେ । ଦେବତା ଓ ଗନ୍ଧର୍ବମାନେ ଜୟ ଜୟକାର କରିବାରେ ଲାଗିଲେ । ରାବଣ ଶରୀରରୁ ଦିବ୍ୟ ତେଜ ବାହାରି ଶ୍ରୀରାମଙ୍କ ଚରଣରେ ଲୀନ ହୋଇଗଲା ।

ରାବଣ ଶ୍ରୀରାମଙ୍କର ପଦାରବିନ୍ଦରେ ଲୀନ ହୋଇଗଲା । ରାବଣ ଦିବ୍ୟ ଗତି ପାଇଗଲା । ଦେବତାମାନେ ଆଶ୍ଚର୍ଯ୍ୟ ହୋଇଗଲେ । ସେମାନେ ଭାବିଲେ, ରାବଣ ତ ଦୁଷ୍ଟ, ମହାପାପୀ ତେବେ ବି ମହାନ୍ ଯୋଗୀମାନେ ଯେଉଁ ଗତି ପାଇଥାନ୍ତି, ସେ ସେହି ଗତି ପାଇଲା କିଭଳି ! ନାରଦ ସେତେବେଳେ ସେମାନଙ୍କୁ ବୁଝାଇ କହିଲେ ଯେ 'ରାବଣ ଯାହା ବି ହୋଇଥାଉ ପଛେ, ସେ ସବୁ ସମୟରେ ଶ୍ରୀରାମଙ୍କୁ ଅନବରତ ଧ୍ୟାନ କରୁଥିଲା । ଯେ କୌଣସି ଉପାୟରେ ହେଉ ଜୀବ ଯଦି ପରମାତ୍ମାଙ୍କ ସହିତ ସମ୍ବନ୍ଧ ରଖେ, ପରମାତ୍ମାଙ୍କୁ ଧ୍ୟାନ କରେ, ତେବେ ତାର ମଙ୍ଗଳ ନିଶ୍ଚୟ ହେବ । ଶ୍ରୀରାମଙ୍କୁ ଯିଏ ପ୍ରେମର ସହିତ ଧ୍ୟାନ କରେ ସେଥିରେ ତାର ମଙ୍ଗଳ ହେବ ହିଁ ହେବ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

ରାବଣ ଶତ୍ରୁ ଭାବରେ ଧ୍ୟାନ କରୁଥିଲା । ହେଲେ ବୈରଭାବରେ ବି ପରମାତ୍ମାଙ୍କୁ ସେ ଚିନ୍ତନ କରୁଥିଲା । ଶ୍ରୀରାମଙ୍କୁ ଚିନ୍ତନ କରି କରି ସେ ପ୍ରାଣତ୍ୟାଗ କରିଦେଲା । ଫଳରେ ସେ ଶ୍ରୀରାମଙ୍କ ଠାରେ ଲୀନ ହୋଇଗଲା । ଭାବ ଯାହା ଥାଉ ପଛେ ।

ଭାଗବତରେ ଲେଖା ହୋଇଛି ଯେ ଶ୍ରୀଭଗବାନଙ୍କର ଚିନ୍ତନ ନିଷ୍କାମ କାମ ଭାବରେ କରୁଥିବା ଗୋପୀମାନେ ଭଗବାନମୟ ହୋଇ ଯାଇଥିଲେ । ଶିଶୁପାଳ ଅତି କ୍ରୋଧରେ ଭଗବାନଙ୍କର ଚିନ୍ତନ କରି କରି ପରିଶେଷରେ ଭଗବାନମୟ ହୋଇ



ଯାଇଥିଲା । କାମ ଭାବରେ, ବୈର ଦ୍ୱେଷ ଭାବରେ ଅଥବା ଶୁଦ୍ଧଭାବରେ ଯେକୌଣସି ଭାବରେ ମଣିଷଙ୍କୁ ପରମାତ୍ମାଙ୍କ ଠାରେ ମନକୁ ସମ୍ପୂର୍ଣ୍ଣ ସଂଯୁକ୍ତ କରିଦେବା ଦରକାର । ଯେ କୌଣସି ଭାବରେ ହେଉ, ଭଗବାନଙ୍କ ଠାରେ ତନ୍ମୟ ହୋଇଯିବା ଉଚିତ ।

ରାବଣ ସଦଗତି ପ୍ରାପ୍ତ ହେଲା । ରାବଣ ମରିଯିବାରୁ ତାର ପତ୍ନୀମାନେ ବିଳାପ କରିବାରେ ଲାଗିଲେ । ବିଭୀଷଣଙ୍କୁ ବି ବହୁତ ଦୁଃଖ ଲାଗିଲା । ଲକ୍ଷ୍ମଣ ବିଭୀଷଣଙ୍କୁ ବହୁତ ବୁଝାଇଲେ । ଶ୍ରୀରାମଙ୍କ ନିର୍ଦ୍ଦେଶରେ ବିଭୀଷଣ ରାବଣର ମୃତକ ସଂସ୍କାର କାର୍ଯ୍ୟ ସମାପ୍ତ କଲେ ।

ବିଭୀଷଣ ଶ୍ରୀରାମଙ୍କୁ ଲଙ୍କାଗଡ଼କୁ ଆସିବା ପାଇଁ ଅନୁରୋଧ କଲେ । ଲଙ୍କା ସିଂହାସନ ତାଙ୍କୁ ସମର୍ପଣ କଲେ । ଶ୍ରୀରାମ କହିଲେ 'ଚଉଦ ବର୍ଷ ପର୍ଯ୍ୟନ୍ତ କୌଣସି ଜନବସତିରେ ପ୍ରବେଶ ନକରିବା ପାଇଁ ମୁଁ ପ୍ରତିଜ୍ଞାବଦ୍ଧ । ମୁଁ କେବଳ ବାହାରେ, ବଣରେ ରହିବା ପାଇଁ ସଂକଳ୍ପ କରିଛି । ମୋ ମାତାଙ୍କର ଏହା ଅଭିପ୍ରାୟ ଥିଲା । ଲକ୍ଷ୍ମଣଙ୍କୁ ସାଙ୍ଗରେ ଧରି ଲଙ୍କାଗଡ଼କୁ ଯାଅ ।

ଶ୍ରୀରାମଙ୍କର ଆଦେଶରେ ଲକ୍ଷ୍ମଣ ବିଭୀଷଣଙ୍କର ଲଙ୍କା ସିଂହାସନରେ ଅଭିଷେକ କରାଇଲେ । ଶ୍ରୀରାମଙ୍କୁ ଲଙ୍କା ରାଜ୍ୟ ମିଳିଲା, ହେଲେ ପ୍ରଭୁ ତାହା ଗ୍ରହଣ କଲେ ନାହିଁ । ସେ ବିଭୀଷଣଙ୍କୁ ଲଙ୍କା ପ୍ରଦାନ କଲେ । ଶ୍ରୀରାମ ଲଙ୍କାରୁ ପଇସାଟିଏ ବି ନେଲେ ନାହିଁ । ଲଙ୍କାରେ ବିପୁଳ ସମ୍ପତ୍ତି ଥିଲା । ଶ୍ରୀରାମ ଲଙ୍କାର ସମ୍ପତ୍ତି ଲଙ୍କାରେ ହିଁ ଛାଡ଼ି ଆସିଲେ । ଅଯୋଧ୍ୟାକୁ ପଇସାଟିଏ ବି ଆଣିଲେ ନାହିଁ ।

ରାଜ୍ୟାଭିଷେକ ହେବାର ପରମୁହୂର୍ତ୍ତରେ ବିଭୀଷଣ ଶ୍ରୀରାମଙ୍କ ପାଖକୁ ଦୌଡ଼ିଗଲେ ଓ ତାଙ୍କ ଚରଣାରବିନ୍ଦରେ ଲୋଟିପଡ଼ିଲେ । ସେ ଶ୍ରୀରାମଚନ୍ଦ୍ରଙ୍କୁ ସାଷ୍ଟାଙ୍ଗ ପ୍ରଣାମ କଲେ । ବିଭୀଷଣ କହିଲେ- 'ହେ ନାଥ ! ମୁଁ ଓ ଲଙ୍କା ସମସ୍ତ ହେଉଛି ଆପଣଙ୍କର ।

ଶ୍ରୀରାମ କହିଲେ, ହଁ ! ଏ ସମସ୍ତ ହେଉଛି ମୋର । ମୁଁ ତୁମ ହାତରେ ସବୁ ଅର୍ପଣ କରୁଛି । ତୁମେ ଯଦି କିଛି ସେବା ପ୍ରଦାନ କରିବାକୁ ଚାହୁଁଛ ତେବେ ଏହି ବାନରଙ୍କୁ ସମ୍ମାନିତ କର ।

ବିଭୀଷଣ ସମସ୍ତ ବାନରଙ୍କୁ ପ୍ରଚୁର ବସ୍ତ୍ରାଭୂଷଣ ଦେଲେ । ଏହାପରେ ବିଭୀଷଣଙ୍କ ନିର୍ଦ୍ଦେଶରେ ସୀତାଙ୍କର ମଙ୍ଗଳ ସ୍ନାନ କରାଗଲା । ଜାନକୀଙ୍କୁ ଦିବ୍ୟ ସୁନ୍ଦର ବସ୍ତ୍ରାଭୂଷଣରେ ଆଭୂଷିତ କରାଗଲା । ତାଙ୍କୁ ପାଲିଙ୍କିରେ ବସାଇ ଶ୍ରୀରାମଙ୍କ ପାଖକୁ ଅଣାଗଲା । ସୀତାଙ୍କୁ ଦର୍ଶନ କରିବା ପାଇଁ ବାନରମାନେ ଉତ୍କଣ୍ଠିତ ହୋଇ କୋଳାହଳ କରିବାରେ ଲାଗିଲେ । ସେମାନେ ପାଲିଙ୍କି ଆଡ଼କୁ ମାଡ଼ି ଆସିଲେ । ଗହଳି ଏପରି ହେବାରେ ଲାଗିଲା ଯେ ବାନରମାନେ ଦଳାଚକଟା ମଧ ହେଲେ । ପାଲିଙ୍କି ବାହକମାନେ 'ଘୁଞ୍ଚ ଘୁଞ୍ଚ' ବୋଲି କହି କେତେକଙ୍କୁ ଧକ୍କା ମାରିଲେ । ବାନରମାନେ ଶ୍ରୀରାମଙ୍କ ପାଇଁ ପ୍ରାଣକୁ ପଣ କରି ଯୁଦ୍ଧ କରିଥିଲେ । ଏବେ ସୀତାମାତାଙ୍କ ଦର୍ଶନରୁ ବଞ୍ଚିତ ହେଲେ ଓ ଧକ୍କା ଖାଇଲେ ସେମାନଙ୍କୁ ଏହା ଖୁବ୍ ବାଧିଲା ।

ଶ୍ରୀରାମ ବାନରମାନଙ୍କର ମନୋଭାବ ଜାଣିଲେ । ସେ କହିଲେ ଏମାନେ ଅତି ପ୍ରେମରେ ସୀତାଙ୍କ ଦର୍ଶନ ନିମନ୍ତେ ଆତୁର । ଏଣୁ ସୀତା ଚାଲି ଚାଲି ଆସନ୍ତୁ ।

ସୀତା ପାଲିଙ୍କିରୁ ଓହ୍ଲାଇ ଧୀରେ ଧୀରେ ଅବନତ ମସ୍ତକରେ ଶ୍ରୀରାମଙ୍କ ଆଡ଼କୁ ଚାଲିଲେ । ବାନରମାନେ ସୀତାଙ୍କର ଜୟଜୟକାର କରିବାରେ ଲାଗିଲେ, ତାଙ୍କୁ ଦର୍ଶନ କଲେ, ଆଉ ସାଷ୍ଟାଙ୍ଗ ପ୍ରଣାମ କରିବାରେ ଲାଗିଲେ । ସୀତା ଆସୁଥିବା ବେଳେ ପରମାତ୍ମା ଶ୍ରୀରାମ ଟିକିଏ ଲୀଳା ସଂରଚନା କଲେ । ଛାୟା ଜାନକୀଙ୍କୁ ଅଗ୍ନିରେ ପ୍ରବେଶ କରାଇ ପ୍ରକୃତ ଜାନକୀଙ୍କୁ ଗ୍ରହଣ କରିବାକୁ ଥିଲା । ଏଣୁ ଶ୍ରୀରାମ ସୀତାଙ୍କୁ କିଛି ଶବ୍ଦ କହିଲେ ।

ସୀତା ଲକ୍ଷ୍ମଣଙ୍କୁ କହିଲେ, 'ଲକ୍ଷ୍ମଣ ! ଅତିଶୀଘ୍ର ଅଗ୍ନି ସ୍ଥାପନା କର ।' ଅଗ୍ନି ବ୍ୟବସ୍ଥା କରାଗଲା । ଅଗ୍ନି ପ୍ରଜ୍ୱଳିତ ହେବା ପରେ ସୀତା ଦୁଇ ହାତକୁ ଉପରକୁ ଟେକି କହିଲେ -

ଜୌ ମନ ବଚ କ୍ରମ ମମ<br>ଉର ମାହିଁ । ତଜି ରଘୁବୀର<br>ଆନ ଗତି ନାହିଁ ।<br>ତୌ କୃସାନୁ ସବ କୈଂ<br>ଗତି ଜାନା ।<br>ମୋହିକୁହୁଁ ହୋଉ ଶ୍ରୀଖଣ୍ଡ ସମାନା ।

## ସ୍ୱର୍ବେଦ

**ପ୍ରଭୁ ପ୍ରସାଦ ସଦ୍‌ଗୁରୁ ଦୟା, ମନା ହୋୟ ସ୍ୱାଧୀନ ।**<br>**ଅନ୍ୟ ଯୁକ୍ତି କୋଇ ନହିଁ ଲଗେ, ସଦଗୁରୁ ଚରଣ ଅଧୀନ । (୨୩)**


ଭାଷ୍ୟ : ସଦ୍‌ଗୁରୁ ଚରଣରେ ଲାଗିଥିବା ଅନନ୍ୟ ଶରଣ ଅଧିକ ଭକ୍ତ ହିଁ ପ୍ରଭୁ ପ୍ରସନ୍ନତା ଓ ସଦଗୁରୁଙ୍କ ଦୟା ଅର୍ଥାତ୍ କରୁଣାରୁ ମନକୁ ନିଜେ ସ୍ୱାଧୀନ କରେ । ଏହି ସଦଗୁରୁ ସ୍ନେହ ଓ ପ୍ରଭୁ ଦୟାର ଅତିରିକ୍ତ ମନକୁ ସ୍ୱାଧୀନ କରିବା ପାଇଁ ଅନ୍ୟ ଯୁକ୍ତି ଲାଗି ପାରେ ନାହିଁ ।

**ସତ୍ୟଗ୍ରାହୀ ବଶ ପାଁଚ ହୈ, ଅନ୍ତର ଶବ୍ଦ ବିବେକ ।**<br>**ସହଜେ ସତ ମାରଗ ମିଲେ, ଅନ୍ତର ସତ ପରଟେକ । (୨୪)**

ଭାଷ୍ୟ : ସତ୍ୟ ପଥରେ ଆରୂଢ଼ ହୋଇଥିବା ସହଜ ଯୋଗାଭ୍ୟାସୀକୁ ପାଞ୍ଚ ବିଷୟ ବଶରେ ହୋଇଯିବାରୁ ଅନ୍ତର ସାରଶବ୍ଦ ପରମପୁରୁଷଙ୍କ ଅନୁଭବ ସାକ୍ଷାତକାର ହୁଏ । ମନ ଇନ୍ଦ୍ରିୟମାନଙ୍କର ବିଷୟ ସହଜ ପ୍ରଦେଶରେ ପହଞ୍ଚିଗଲେ ଶାନ୍ତ ହୋଇଯାଏ ଓ ନିଜର ଚେତନ ପଥ, ସତ୍ୟ ମାର୍ଗ ପ୍ରାପ୍ତ ହୋଇ ଅନ୍ତର୍ଲକ୍ଷର ପ୍ରାପ୍ତି ହୁଏ ।

**ଯୋଗ କଥନ ରତ ଭୋଗ ମେଁ, ଯୋଗମୂକ ନହିଁ ହାଥ ।**<br>**କଥନ ଗହନ ଏକ ସମ ମିଲେଁ, ନର ସେ ଦେବ ସନାଥ । (୨୫)**

ଭାଷ୍ୟ : ସଦଗୁରୁ ଉପଦିଷ୍ଟ ଯୋଗ ମାର୍ଗର ଜ୍ଞାନ ହୋଇ ମଧ ଯେ ବିଷୟ ଭୋଗରେ ଲିପ୍ତ ରହେ, ସେ ଅଜିତେନ୍ଦ୍ରିୟ ପୁରୁଷ ଯୋଗରେ ମୌଳିକ ଉଦ୍ଦେଶ୍ୟ ପ୍ରାପ୍ତ କରିପାରେ ନାହିଁ । ଯୋଗ ତତ୍ତ୍ୱଜ୍ଞାନର ଅନୁସାରେ ତାର ସାଧନ ଭଜନ କଲେ ହିଁ ନରରୁ ଦେବତ୍ୱଭାବର ପ୍ରାପ୍ତି ହୋଇଥାଏ ଓ ସେହି ସହଜ ଯୋଗାଭ୍ୟାସୀ ଆତ୍ମ ବଳଶାଳୀ ହୋଇ ଦିବ୍ୟଗୁଣ ଗୁଡ଼ିକୁ ଧାରଣ କରିଥାଏ । ପରୋକ୍ଷ ବାଚକ ଜ୍ଞାନରୁ ଲକ୍ଷ୍ୟର ପ୍ରାପ୍ତି ହୁଏ ନାହିଁ । ଏଥିପାଇଁ ସାଧକକୁ ନିଜର ଯୋଗ ସାଧନରେ ପ୍ରବୃତ୍ତ ହୋଇ ଅନୁଭବ




ଲକ୍ଷ୍ୟର ପ୍ରାପ୍ତି କରିବା ଆବଶ୍ୟକ ।

**ଶ୍ରବନ ନୟନ ମନ ବୟନ ମେଁ, ବସତ ନିରନ୍ତର ପବ ।**<br>**ବିରହିନୀ ଅରୁ ଜାନେ ନହିଁ, ପନ୍ଥ ନିରଖି ହିୟପିବ । (୨୬)**

ଭାଷ୍ୟ : ବିରହିଣୀ ସ୍ୱୀର ବାଣୀ, ଚକ୍ଷୁ, ମନ ଏବଂ କାନ ସମସ୍ତେ ନିଜର ପିବରେ ନିରନ୍ତର ମିଶିବା ପାଇଁ ଲାଗି ରହନ୍ତି । ସମସ୍ତ ଇନ୍ଦ୍ରିୟ ଅନ୍ତଃକରଣରୁ ତାର ପ୍ରିୟ ପତିଙ୍କୁ ମିଳିବା ପାଇଁ ହିଁ ସର୍ବଦା ଉତ୍କଣ୍ଠା ରହିଥାଏ । ତାହା ଅନ୍ୟ ଲୋକ ଜାଣନ୍ତି ନାହିଁ । ସର୍ବଦା ବିୟୋଗୀ ପତିଙ୍କ ଆସିବାର ମାର୍ଗକୁ ଦେଖୁଥାନ୍ତି । ଏହି ପରି ଯୋଗାଭ୍ୟାସୀ ପ୍ରଭୁ ଭକ୍ତର ମନ, ବୁଦ୍ଧି, ପ୍ରାଣ ଓ ଶରୀରର ସମସ୍ତ ଶକ୍ତି ଗୋଟିଏ ଧ୍ୟେୟ ଆଡେ ଗୋଟିଏ ରୂପକୁ ଲାଗିଯାଏ । ତେବେ ସେହି ପରମ ପ୍ରଭୁଙ୍କୁ ସାକ୍ଷାତ କରିବାର ପଥ ସୁଲଭ ହୋଇଥାଏ ଓ ତାର ପ୍ରାପ୍ତି ହୋଇଥାଏ । ଏକ ଧ୍ୟେୟ, ଏକ ସିଦ୍ଧାନ୍ତ ଓ ମାର୍ଗରେ ଚାଲିବା ବାଲା ଦୃଢ଼ବ୍ରତୀ ଭକ୍ତ ହିଁ ଈଶ୍ୱର ପ୍ରାପ୍ତି ରୂପୀ ମହାନ୍ ଲକ୍ଷ୍ୟକୁ ପ୍ରାପ୍ତ କରିଥାଏ । ଅନେକ ତର୍କ ବିତର୍କ, ସଂଶୟ ଓ ବ୍ୟାମୋହରେ ରହିବା ବାଲା ସାଧକ ନିଜ ଲକ୍ଷ୍ୟକୁ ପ୍ରାପ୍ତ କରିପାରେ ନାହିଁ ।

**ପରମ ପୁରୁଷ ବହ ପୂର୍ଣ୍ଣ ହୈ, ଅଜା ଅନନ୍ତ ଅସୀମ,**<br>**ଅପୂର୍ଣ୍ଣ ନହିଁ କିସି କାଲ ମେଁ, ସହଜ ସମାନ ମହୀମ । (୨୭)**

ଭାଷ୍ୟ : ସେହି ପରମ ପୁରୁଷ ନିତ୍ୟ, ଅନନ୍ତ ଏବଂ ଅସୀମ ହୋଇ ନିଜର ସହଜ ସ୍ୱାଭାବିକ ମହିମାରେ ପରିପୂର୍ଣ୍ଣ ଅଟେ । ସେ କୌଣସି କାଳରେ ଅପୂର୍ଣ୍ଣ ରହେ ନାହିଁ । ନିତ୍ୟ ପଦାର୍ଥ ସର୍ବଦା କୂଟସ୍ଥ ଗୋଟିଏ ରୂପରେ ରହେ । ଏଥିପାଇଁ ବ୍ରହ୍ମ ତିନିକାଳରେ ଗୋଟିଏ ରୂପରେ ରହି ସର୍ବଦା ଚରାଚର ଜଗତରେ ପରିପୂର୍ଣ୍ଣ ବ୍ୟାପ୍ତ ଅଟେ ।

**ହେ ପ୍ରଭୁ ମହିମା ଆପକି, ଅଗମ ଅନନ୍ତ ଅପାର ।**<br>**ନେତି ନେତି ଅଜ ଶ୍ରୁତି କହେଁ, ଜନ ଅଧିକ କିମି ପାର । (୨୮)**

ଭାଷ୍ୟ : ହେ ପ୍ରଭୁ ! ଆପଣଙ୍କ ମହିମା ଅଗମ, ଅନନ୍ତ ଓ ଅପାର ଅଟେ । ଯାହାକୁ ସର୍ବଦା ଚାରି ବେଦ ନେତି ନେତି କହନ୍ତି, ଅର୍ଥାତ୍ ଯାହାର ଇତି ସୀମା ନାହିଁ, ଅନନ୍ତ ଅଟେ । ଆପଣଙ୍କ ସେହି ଅନନ୍ତ ମହିମାକୁ ମୁଁ ଅଳ୍ପଜ୍ଞ ଜୀବ କିପରି ବର୍ଣ୍ଣନା କରିବାକୁ ସମର୍ଥ ହୋଇପାରିବି ।

## ଶାଗୁଦାନାର ଉପକାରିତା

ଭାରତରେ ଶାଗୁଦାନା ଟେପିଓକା ଷ୍ଟାର୍ଚରୁ ପ୍ରସ୍ତୁତ କରାଯାଏ । ଏହି ଷ୍ଟାର୍ଚ ପ୍ରସ୍ତୁତ କରିବା ଲାଗି କସାବ ନାମକ କନ୍ଦ ବ୍ୟବହାର ହୁଏ ଯାହା ଏକ ପ୍ରକାର କନ୍ଦମୂଳ ଭଳି । କସାବା ମୂଳତଃ ବ୍ରାଜିଲ ଏବଂ ଆଖପାଖ ଦେଶର ଗଛ । ଭାରତର ତାମିଲନାଡୁ ଅନ୍ତର୍ଗତ ସେଲମ୍ ଜିଲ୍ଲାରେ କସାବା ବେଶୀ ଚାଷ କରାଯାଏ । ଏହି ଅଞ୍ଚଳରେ ମଧ ସର୍ବାଧିକ ଟେପିଓକା ଷ୍ଟାର୍ଚ ପ୍ରୋସେସିଂ ପ୍ଲାଣ୍ଟ ଏବଂ ଶାଗୁ ତିଆରି ପ୍ଲାଣ୍ଟ ରହିଛି । ୧୯୪୦ ଦଶକରେ ମୁଖ୍ୟତଃ କେରଳ, ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁ ରାଜ୍ୟରେ ଏହା ଚାଷ ହେବାରେ ଲାଗିଲା । ୧୯୪୩-୪୪ ରେ ତାମିଲନାଡୁର ସେଲମ୍ ଠାରେ ଶାଗୁଦାନା ନିର୍ମାଣ ଆରମ୍ଭ ହେଲା ବୋଲି କୁହାଯାଏ । ସେଲମର ଜନୈକ ମାଛ ବ୍ୟବସାୟୀ ମଣିକ୍କମ ଚେଟ୍ଟିୟାର କେରଳର ବ୍ୟବସାୟୀ ପୋପଟଲାଲ ଶାହଙ୍କ ସହ ମିଶି ଶାଗୁ ପ୍ରସ୍ତୁତି ଆରମ୍ଭ କରିଥିଲେ । ଶାଗୁଦାନା ପ୍ରସ୍ତୁତ କରିବା ଲାଗି ଟେପିଓକାର ଶସକୁ ବଡ଼ ଟ୍ୟାଙ୍କରେ ପକାଇ ତା' ଉପରେ ଲଗାତର ପାଣି ପକାଯାଏ । ଏହାପରେ ଶସଗୁଡ଼ିକୁ ଚକଟାଯାଏ ଯେଉଁ ପ୍ରକ୍ରିୟା ପ୍ରାୟ ୪-୬ ମାସ ଯାଏ ବାରମ୍ବାର ଚାଲେ । ଏହାପରେ ମେସିନରେ ଏହି ଶସ ପକାଯାଇ ଶାଗୁଦାନା ପ୍ରସ୍ତୁତ ହୁଏ । ଶାଗୁଦାନାକୁ ଶୁଖାଇବା ପରେ ଏଥିରେ ଗ୍ଲୁକୋଜ୍ ଏବଂ ଷ୍ଟାର୍ଚରୁ ପ୍ରସ୍ତୁତ ଗୁଣ୍ଡ ଦିଆଯାଇ ପଲିସ୍ କରନ୍ତି । ବିଶ୍ୱର ଆଉ କେତେକ ଦେଶରେ ସାଗୋପାମ୍ ନାମକ ଗଛର ମଞ୍ଜରୁ ଶାଗୁ ପ୍ରସ୍ତୁତ କରାଯାଏ ।

ଜ୍ୱର, ପେଟସମସ୍ୟା ଆଦିରେ ତ ଏହାକୁ ପଥ୍ୟ ଭାବେ ବ୍ୟବହାର କରାଯାଏ । ତେବେ ସାଧାରଣ ଖାଦ୍ୟ ଭାବେ ବି ଏହାର ଏକାଧିକ ସ୍ୱାସ୍ଥ୍ୟ ଉପକାରିତା ରହିଛି ।



ଶାଗୁଦାନାରେ ପଟାସିୟମ ଭରପୁର ପରିମାଣରେ ଥିବାରୁ ଏହା ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରେ ଏବଂ ହୃଦରୋଗରୁ ସୁରକ୍ଷା ଦିଏ ।

ଶାଗୁରେ ଥିବା କାର୍ବୋହାଇଡ୍ରେଟସ ଏବଂ ଷ୍ଟାର୍ଚ ସୁସ୍ଥ ଭାବେ ଓଜନ ଲାଭ କରିବାରେ ବି ସହାୟକ । ଏହା ମାଂସପେଶୀକୁ ସଶକ୍ତ କରେ ।

ଶାଗୁଦାନାରେ ଭିଟାମିନ୍ ବି-୬, ଫଲିକ ଏସିଡ୍, କ୍ୟାଲସିୟମ ପରି ବିଭିନ୍ନ ତତ୍ତ୍ୱ ରହିଛି ଯାହା ତ୍ୱଚାକୁ ଉଜ୍ଜ୍ୱଳ ଏବଂ ସୁସ୍ଥ କରେ ।

ଲୌହସାର ଏଥିରେ ପର୍ଯ୍ୟାପ୍ତ ପରିମାଣରେ ଥିବାରୁ ରକ୍ତ କଣିକାର ପରିମାଣ ବଢ଼ାଏ । ଫଳରେ ଏନିମିଆ ପରି ସ୍ଥିତି ଉପୁଜେନାହିଁ । ଗର୍ଭାବସ୍ଥାରେ ଶାଗୁଦାନା ଖାଇଲେ ଶିଶୁଙ୍କ ଠାରେ ନ୍ୟୁରାଲ ଟ୍ୟୁମ୍ ଦୋଷ ରହେନାହିଁ । ସେମାନଙ୍କର ସଠିକ୍ ବିକାଶ ହୁଏ ।

ଏଥିରେ ଡାଏଟାରୀ ଫାଇବର ଥିବାରୁ ହଜମକ୍ରିୟା ଠିକ୍ କରେ ।

କୋଷ୍ଠକାଠିନ୍ୟ, ଫୁଲା, ଅନ୍ତ୍ର ଯନ୍ତ୍ରଣା, କୋଲୋରେକ୍ଟାଲ କ୍ୟାନସର ପରି ସମସ୍ୟାରୁ ମୁକ୍ତି ଦିଏ ।

ନିରାମିଷାଶୀମାନଙ୍କ ପାଇଁ ଏହା ପ୍ରୋଟିନ୍‌ର ଏକ ଭଲ ବିକଳ୍ପ । ଭିଟାମିନ୍ 'କେ, କ୍ୟାଲସିୟମ ଏବଂ ଲୌହର ଏହା ଏକ ସମୃଦ୍ଧ ଉତ୍ସ । ତେଣୁ ଅସ୍ଥି ବିକାଶ ତଥା ସୁଦୃଢ଼ରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଶାଗୁ ଖାଇଲେ ବୟସ ବୃଦ୍ଧି କାରଣରୁ ହେଉଥିବା ଅଷ୍ଟିଓପୋରୋସିସ୍, ଅଷ୍ଟିଓଆର୍ଥ୍ରାଇଟିସ୍ ଆଦି ରୋଗରୁ ସୁରକ୍ଷା ମିଳିଥାଏ ।

ଭିଟାମିନ୍ 'କେ' ମଧ ମାନସିକ ସ୍ୱାସ୍ଥ୍ୟ ଲାଗି ବେଶ୍ ଗୁରୁତ୍ୱପୂର୍ଣ୍ଣ । ଏହା ମସ୍ତିଷ୍କରେ ନ୍ୟୁରୋନାଲ ଗତିବିଧି ବଢ଼ାଇ ଆଲଝିମର ରୋଗର ଆଶଙ୍କା କମାଏ ।

ଏଥିରେ ଥିବା କାର୍ବୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ଦେବା ସହିତ ଭୋକିଲା ଅନୁଭବ କରାଏ ନାହିଁ ।

ଓଜନ କମାଇବାକୁ ଚାହୁଁଥିଲେ ଶାଗୁକୁ ଆଦୌ ଖାଦ୍ୟରେ ସାମିଲ କରିବେ ନାହିଁ । କାରଣ ଓଜନ ବଢ଼ାଇବାକୁ ଚାହୁଁଥିବା ବ୍ୟକ୍ତିଙ୍କ ଲାଗି ଏହା ଅତ୍ୟନ୍ତ ଉପାଦେୟ ।

## ରାତି ଖାଦ୍ୟରେ ସତର୍କତା

ରାତି ୮ ଟାରୁ ୯ଟା ମଧ୍ୟରେ ଭୋଜନ କରିବାର ପ୍ରକୃଷ୍ଟ ସମୟ ଅଟେ । ରାତିରେ ହାଲୁକା ଭୋଜନ ଲାଗି ପରାମର୍ଶ ଦିଆଯାଇଥାଏ । ଅଧିକାଂଶ ଲୋକେ ସୁଆଦିଆ ତଥା ତେଲମସଲାଯୁକ୍ତ ଖାଦ୍ୟ ଖାଇବାକୁ ଆଗ୍ରହ ପ୍ରକାଶ କରିଥାନ୍ତି । ଏସବୁ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ ।



ରାତିବେଳା କେବେହେଁ ଆଇସକ୍ରିମ ଖାଇବା ଉଚିତ ନୁହେଁ । ଆମେରିକୀୟ ଖାଦ୍ୟ ବିଶେଷଜ୍ଞଙ୍କ ମତରେ ରାତିରେ ଏହା ଖାଇଲେ ଶରୀରରେ ଶର୍କରାର ମାତ୍ରା ଅଧିକ ବୃଦ୍ଧି ପାଇବା ସହ ହଜମ ଠିକ୍ ଭାବରେ ହୋଇ ନ ଥାଏ ।

ରାତ୍ରିଭୋଜନରେ ଇଟାଲୀୟ ଖାଦ୍ୟ ପାସ୍ତା ଖାଇଲେ ଓଜନ ବଢ଼ିବାର ଆଶଙ୍କା ସହ ନିଦ ଭଲ ହୁଏ ନାହିଁ ।

ରାତିରେ ଚକୋଲେଟ୍ ଖାଇବାଠାରୁ ଦୂରେଇ ରୁହନ୍ତୁ । ଏହା ଦ୍ୱାରା ମାନସିକ ସ୍ଥିତି ପ୍ରଭାବିତ୍ ହେବା ସହ ହୃଦଯନ୍ତ୍ର ପ୍ରଭାବିତ ହେବାର ଆଶଙ୍କା ରହିଛି ।

ଚିପ୍ସ ପ୍ରତି ପିଲାଙ୍କ ଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଦୁର୍ବଳତା ରହିଛି । ଏହା ଏକ ପ୍ରକାରର ପ୍ରୋସେସଡ୍ ଖାଦ୍ୟ, ଯାହା ଶରୀରରେ ବିଭିନ୍ନ ପ୍ରକାରର ଅସୁବିଧା ସୃଷ୍ଟି କରିଥାଏ ।

ବର୍ଗର ରାତ୍ରିଭୋଜନରେ ଖାଇଲେ ତାହା ପେଟରେ ପ୍ରାକୃତିକ ଏସିଡ୍ ଉତ୍ପନ୍ନ କରି ଶରୀରକୁ ଉତ୍ତେଜିତ କରେ । ଏହା କାରଣରୁ ଛାତି ପୋଡ଼ାଜଳା ହୋଇଥାଏ ।

ଅଧିକାଂଶ ଲୋକେ ରାତିରେ ଟିଭି ଦେଖିଲା ବେଳେ ପପକର୍ଣ୍ଣ ଖାଇଥାନ୍ତି । ଏଥିରେ ଥିବା ଲୁଣ ଓ ବଟର ନିଦକୁ ପ୍ରଭାବିତ କରିଥାଏ ବୋଲି ପରୀକ୍ଷାରୁ ଜଣାପଡିଛି ।

## ଆପଣ ଜାଣନ୍ତି କି ?

- ପ୍ରଥମେ ବିଭିନ୍ନଗଛର କାଠିକୁ ବ୍ରଶ୍ ବା ଦାନ୍ତକାଠି ଭାବେ ବ୍ୟବହାର କରାଯାଉଥିଲା । ଏସୀୟମାନେ ପ୍ରଥମେ ବ୍ରଶ ପ୍ରସ୍ତୁତ କରିଥିଲେ । ମୁଖ୍ୟତଃ ଚାଇନାରେ ଏହା ଟାଙ୍ଗ୍ ରାଜବଂଶ (୬୧୯-୯୦୭) ସମୟରେ ପ୍ରସ୍ତୁତ କରାଯାଇଥିଲା ।
- ଆଦିମ ଇଜିପ୍ଟବାସୀ କାଠିରେ ପତ୍ର ଲଗାଇ ଏହାକୁ ଟୁଥବ୍ରଶ୍ ଭାବେ ବ୍ୟବହାର କରୁଥିଲେ ।
- ଇଂଲଣ୍ଡର ୱିଲିଅମ୍ ଏଡିସ୍ ନାମକ ଜଣେ ବ୍ୟକ୍ତି କୌଣସି ଅପରାଧ ଲାଗି ଜେଲରେ ଥିବା ସମୟରେ ପାଟି ସଫା ରଖିବା ପାଇଁ ମାଂସ ତରକାରିରୁ ଏକ ହାଡ଼ କାଢ଼ି ସେଥିରେ କଣା କରି କିଛି ସୂତା ଲଗାଇ ବ୍ରଶ୍ ପ୍ରସ୍ତୁତ କରିଥିଲେ । ଜେଲରୁ ବାହାରିବା ପରେ ୧୭୭୬ରେ ଏହି ପ୍ରଣାଳୀ ବ୍ୟବହାର କରି ଅନେକ ବ୍ରଶ ବିକି ଧନୀ ହୋଇ ପାରିଥିଲେ । ସେବେଠୁ ବ୍ରଶ୍ ବ୍ୟବହାର ବଢ଼ିବା ଆରମ୍ଭ ହେଲା ।
- ୧୯୦୦ ମସିହା ପୂର୍ବରୁ ଟୁଥବ୍ରଶ୍ ସାଇବେରିଆନ୍ ହଗ୍ (ଅଣ୍ଡିରା ଘୁଷୁରି) ବାଳରେ ପ୍ରସ୍ତୁତ ହେଉଥିଲା । ୧୯୩୮ ରେ ପ୍ରଥମେ ନାଇଲନ୍ ସୂତା ବା ବ୍ରିଷ୍ଟଲ ବ୍ୟବହାର ହୋଇଥିବା ଟୁଥବ୍ରଶ୍ ପ୍ରସ୍ତୁତ କରାଗଲା । ଏହାପରେ ଓରାଲ୍ ବି କମ୍ପାନୀ ନରମ ଦାନ୍ତ ବା ସୂତାଥିବା ଟୁଥବ୍ରଶ ପ୍ରସ୍ତୁତ କଲା ।
- ପ୍ରଥମ ଇଲେକ୍ଟ୍ରିକ୍ ଟୁଥବ୍ରଶ୍ ବ୍ରୋକ୍ସୋଡେଣ୍ଟ ୧୯୫୪ ରେ ସ୍ୱିଜରଲାଣ୍ଡରେ ଆବିଷ୍କାର ହୋଇଥିଲା ।
- ପୃଥିବୀର ସବୁଠୁ ଦାମୀ ଟୁଥବ୍ରଶର ମୂଲ୍ୟ ୪,୦୦୦ ଆମେରିକାନ ଡଲାର । ଏହାକୁ ପ୍ରସ୍ତୁତ କରିବା ଲାଗି ଟିଟାନିୟମ ବ୍ୟବହାର କରାଯାଇଥିଲା ।

## କହିପାରିବେ କି ?

(୧) ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଚଳିତ ବର୍ଷର ଥିମ୍ କ'ଣ ଥିଲା ?
(୨) ବାୟୁର ଆଦ୍ରତା ମାପିବା ପାଇଁ ବ୍ୟବହାର କରାଯାଉଥିବା ଉପକରଣର ନାମ କ'ଣ ?
(୩) ଡେକାନ ଏଜୁକେସନାଲ ସୋସାଇଟି ନାମକ ସଂସ୍ଥାର ସ୍ଥାପନା କିଏ କରିଥିଲେ ?
(୪) ବିହୁ କେଉଁ ରାଜ୍ୟର ଲୋକପ୍ରିୟ ଉତ୍ସବ ?
(୫) ମହାତ୍ମା ଗାନ୍ଧୀଙ୍କୁ ହାଫ୍ ନେକେଡ୍ ଫକିର କିଏ କହିଥିଲେ ?
(୬) ବିଶ୍ୱର ସବୁଠାରୁ ଉଚ୍ଚ ଜଳପ୍ରପାତ କେଉଁ ଦେଶରେ ରହିଛି ?
(୭) ଯୋଜନା ଆୟୋଗ କେବେ ଗଠନ କରାଯାଇଥିଲା ?
(୮) ରାଷ୍ଟ୍ରୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନା କେଉଁ ମହାପୁରୁଷଙ୍କ ନାମରେ ହୋଇଛି ?
(୯) 'ଡ୍ରିମ୍ସ ଫ୍ରମ୍ ପାଇଁ ଫାଦର'ର ପୁସ୍ତକର ଲେଖକ କିଏ ?
(୧୦) ସୀତାଙ୍କ ସ୍ୱୟମ୍ବରରେ ରାମଚନ୍ଦ୍ର ଭାଙ୍ଗି ଥିବା ଧନୁର ନାମ କ'ଣ ?

### JUMBLE WORDS

| | | | |
|---|---|---|---|
| 1) RETWH | = | 6) EKRCE | = |
| 2) ALGEE | = | 7) CNOREF | = |
| 3) LAHNIE | = | 8) NREUUS | = |
| 4) VINDIE | = | 9) OBRNI | = |
| 5) SYUFS | = | 10) NKRAC | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ଅରୁଣ କୁମାର ମିଶ୍ର, ୨. ନିୟୁକ୍ଲିୟର ରିଆକ୍ଟର, ୩. ଦଣ୍ଡକାରଣ୍ୟ, ୪. ତାରାଶଙ୍କର ବନ୍ଦୋପାଧ୍ୟାୟ, ୫.୧୬ ଅକ୍ଟୋବର, ୬. ଆଲଫ୍ରେଡ୍ ନୋବେଲ, ୭. ୭ ବର୍ଷ, ୮.ପ୍ରୟାଗ, ୯. ଇନ୍ଦିରା ଗାନ୍ଧୀ ୧୦. ଆଇସିଆଇସିଆଇ ।

***Jumble Words* ର ଉତ୍ତର :-**

(1) SOCKET (2) LUNACY (3) BIRCH (4) CHURN (5) NAPKIN (6) JAGUAR (7) METAL (8) ALIAS (9) THIRST (10) JUNIOR.

## ସାଧନାର ସ୍ୱର୍ଣ୍ଣିମ... ପଞ୍ଚମ ପୃଷ୍ଠାର ଅବଶିଷ୍ଟାଂଶ

ଈଶ୍ୱର ନିଃସନ୍ଦେହ ଆଦିଗୁରୁ, ପରମଗୁରୁ ଅଟନ୍ତି, ସେଥିପାଇଁ ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି ଯେ ମୁଁ ଏହି ଅବିନାଶୀ ଯୋଗର ଜ୍ଞାନ ସୂର୍ଯ୍ୟଙ୍କୁ ଦେଇଥିଲି । ସୂର୍ଯ୍ୟ ନିଜର ପୁତ୍ର ବୈବସ୍ୱତ ମନୁଙ୍କୁ କହିଲେ ଏବଂ ମନୁ ନିଜର ପୁତ୍ର ରାଜା ଇକ୍ଷ୍ୱାକୁ କହିଲେ । ଭଗବାନ ଗୁରୁମାନଙ୍କର ମଧ ଗୁରୁ, ସେଥିପାଇଁ ଭଗବାନ ଶ୍ରୀକୃଷ୍ଣଙ୍କ ବନ୍ଦନା ଜଗତଗୁରୁ ରୂପରେ କରାଯାଇଛି- ମୁଁ ବସୁଦେବ ପୁତ୍ର ଓ ଦେବକୀଙ୍କ ପରମାନନ୍ଦ, କଂସ ଓ ଚାଣୂର ପରି ଦୈତ୍ୟଙ୍କୁ ବଧ କରିଥିବା ସମସ୍ତ ସଂସାରର ଗୁରୁ ଭଗବାନ କୃଷ୍ଣଙ୍କୁ ବନ୍ଦନା କରୁଛି ।

ଗୋସ୍ୱାମୀ ତୁଳସୀଦାସ ଶ୍ରୀରାମଚରିତ ମାନସରେ ଭଗବାନ ଶିବଙ୍କୁ କିଛି ଏପରି କହିଛନ୍ତି- ଜ୍ଞାନମୟ, ନିତ୍ୟ ଶଙ୍କର ରୂପୀ ଗୁରୁଙ୍କୁ ମୁଁ ବନ୍ଦନା କରୁଛି, ଯାହାର ଆଶ୍ରିତ ହୋଇ କଳଙ୍କିତ ଚନ୍ଦ୍ରମା ମଧ ସର୍ବତ୍ର ବନ୍ଦିତ ହୋଇଥାଏ । ଚିତ୍ରକୁଟ ଘାଟରେ ସନ୍ଥ ତୁଳସୀଦାସଙ୍କୁ ହନୁମାନଜି ମହାରାଜ ଭଗବାନ ଶ୍ରୀରାମଙ୍କର ପରିଚୟ କରାଇ ଥିଲେ । ଏପରି ଅନୁଗ୍ରହ ଗୁରୁ ହିଁ କରିପାରନ୍ତି । ସନ୍ଥ ତୁଳସୀଦାସ ହନୁମାନଜି ମହାରାଜଙ୍କୁ ନିଜର ଗୁରୁ ରୂପରେ ହିଁ ଦେଖୁଥିଲେ । ସେ ହନୁମାନ ଚାଳିଶାର ପ୍ରାରମ୍ଭ ମଧ ଗୁରୁବନ୍ଦନାରୁ ହିଁ କରିଛନ୍ତି-

ଶ୍ରୀ ଗୁରୁ ଚରଣ ସରୋଜ ରଜ ନିଜ ମନୁ ମୁକୁରୁ ସୁଧାରି ।

ତୁଳସୀଦାସ କହିଛନ୍ତି ଶ୍ରୀ ଗୁରୁ ମହାରାଜଙ୍କ ଚରଣକମଳର ଧୂଳି ଦ୍ୱାରା ମୁଁ ନିଜର ମନ ରୂପକ ଦର୍ପଣକୁ ପବିତ୍ର କରୁଛି ।

ଏହି ପ୍ରକାର ଆମେ ଭଗବାନ ଶ୍ରୀକୃଷ୍ଣ, ଭଗବାନ ଶଙ୍କର, ଶ୍ରୀହନୁମାନଜି ମହାରାଜଙ୍କ ରୂପରେ ଈଶ୍ୱରଙ୍କୁ ଗୁରୁ ରୂପରେ ଅବଶ୍ୟ ବରଣ କରି ପାରିବା, କିନ୍ତୁ ଏକମାତ୍ର ସର୍ତ୍ତ ହେଉଛି ନିଜର ଗୁରୁଙ୍କ ପ୍ରତି, ନିଜର ଆରାଧଙ୍କ ପ୍ରତି ଆମର ଶ୍ରଦ୍ଧା ଅଟଳ ହେଉ, ଅବିଚଳ ହେଉ, ଅବିରାମ ହେଉ, ଅଖଣ୍ଡ ହେଉ । ଆମର ସମର୍ପଣ ସଚ୍ଚା ହେଉ । ଗୁରୁଙ୍କ ଦ୍ୱାରା ପ୍ରଦତ୍ତ ମନ୍ତ୍ର ବା ଈଶ୍ୱରଙ୍କ ନାମ ଜପରେ ଆମର ନିୟମିତତା ରହୁ, ତନ୍ମୟତା ରହୁ ।

କେବଳ ମନ୍ତ୍ରଗୁଡିକର ଉଚ୍ଚାରଣ ହିଁ ନୁହେଁ, ବରଂ ସେଗୁଡିକର ସନ୍ଦେଶକୁ ଆମର ଆଚରଣରେ ଉତାରିବା ଅଧିକ ମହତ୍ତ୍ୱପୂର୍ଣ୍ଣ । ଆମେ ଉଚ୍ଚାରଣ କେବଳ କରିବା ନାହିଁ, ବରଂ ଆଚରଣରେ ବି ତାହାକୁ ଉତାରିବା । ତାହାକୁ ନିଜର ଜୀବନରେ ଜିଇବାକୁ ପଡିବ, ପ୍ରତିଫଳିତ କରିବାକୁ ପଡିବ । ଆମେ କୃଷ୍ଣଙ୍କର ନାମ ଜପ, ନାମ ଉଚ୍ଚାରଣ କରିବା ଏବଂ ଆଚରଣ କଂସର କରିବା ତ ଲାଭ କ'ଣ ? ଯେଉଁମାନେ ଏହି ସାଧନାର ସୂତ୍ରକୁ ସ୍ୱୀକାର କରନ୍ତି, ସାଧନାର ଫଳଶ୍ରୁତି ମଧ ସେମାନଙ୍କ ଚେତନାରେ ଅବତରିତ ହୋଇଥାଏ । ଖାଲି ବାକ୍ୟ ବିନିମୟରେ କାମ ଚଳେ ନାହିଁ । ଏ ସମ୍ବନ୍ଧରେ ଶ୍ରୀରାମକୃଷ୍ଣ ପରମହଂସ କହୁଥିଲେ ଯଦି ଘରକୁ ଚିଠି ଆସେ ଏବଂ ତଦନୁସାର ଦୁଇ ଯୋଡ଼ା ଧୋତି, ଗୋଟିଏ କୁର୍ତ୍ତାର କପଡ଼ା ଏବଂ ଏକ କିଲୋ ସନ୍ଦେଶ ପଠାଇବାକୁ ପଡେ, ତେବେ ତାହା ହିଁ କରିବାକୁ ପଡିବ । ବଜାର ଯାଇ ଏହି ସାମଗ୍ରୀ କିଣି ପଠାଇବାକୁ ପଡିବ । କେବଳ ଚିଠି ପଢ଼ିଲେ ବା ଘୋଷିଲେ କାମ ଚଳିବ ନାହିଁ ।

ବାସ୍ତବରେ ଏପରି ଆଚରଣ କରୁଥିବା ଶିଷ୍ୟ, ସାଧକ ହିଁ ନିଜ ଗୁରୁଙ୍କର, ଭଗବାନଙ୍କର କୃପାପାତ୍ର ହୋଇଥାନ୍ତି । ମାନସକାରଙ୍କ ମାଧମରେ ଭଗବାନ ଶ୍ରୀରାମ ପ୍ରସ୍ତୁତ ଚୌପାଇରେ ଏହାର ସ୍ପଷ୍ଟ ଉଦଘୋଷଣ ମଧ କରିଛନ୍ତି- ମୋତେ ସେହି ସେବକ ହିଁ ପ୍ରିୟ, ଯିଏ ମୋର ଅନୁଶାସନକୁ ମାନିଥାଏ ଅର୍ଥାତ୍ ମୋ ଦ୍ୱାରା ବତାଯାଇଥିବା ମାର୍ଗରେ ଚାଲିଥାଏ ।

ଗୀତାର ଜ୍ଞାନ ପ୍ରାପ୍ତ କରି ଯେତେବେଳେ ଅର୍ଜୁନଙ୍କର ସମସ୍ତ ଶଙ୍କା ନଷ୍ଟ ହୋଇଗଲା ସେତେବେଳେ ଏକ ସଚ୍ଚା ଶିଷ୍ୟ ପରି ସେ ଭଗବାନ କୃଷ୍ଣଙ୍କୁ କହିଲେ, ହେ ପ୍ରଭୁ ! ଏବେ ମୁଁ ଆପଣଙ୍କର ବଚନ ପାଳନ କରିବି ।

ଅର୍ଜୁନ କହିଲେ- ହେ ଅଚ୍ୟୁତ । ଆପଣଙ୍କ କୃପା ବଳରେ ମୋର ମୋହ ନଷ୍ଟ ହୋଇଗଲା ଏବଂ ମୁଁ ସ୍ମୃତି ପ୍ରାପ୍ତ କରି ପାରିଛି । ଏବେ ମୁଁ ସଂଶୟରହିତ ହୋଇ ଯାଇଛି, ତେଣୁ ଆପଣଙ୍କର ଆଜ୍ଞା ପାଳନ କରିବି । ଆପଣଙ୍କର ବଚନ ପାଳନ କରିବି ।

ଦ୍ୱିତୀୟ ମହତ୍ତ୍ୱପୂର୍ଣ୍ଣ ବିଷୟ ହେଲା ଆମେ ନିଜ ଗୁରୁଙ୍କ ବଚନ ଉପରେ ବିଶ୍ୱାସ ରଖିବା ଉଚିତ । ଏପରି ନ କଲେ ଆମେ ସ୍ୱପ୍ନରେ ସୁଦ୍ଧା ଗୁରୁଙ୍କର କୃପା ପ୍ରାପ୍ତ କରି ପାରିବା ନାହିଁ ।

ଶ୍ରୀରାମଚରିତ ମାନସର ପ୍ରସ୍ତୁତ ଚୌପାଇରେ ମାତା ଭଗବତୀ ପାର୍ବତୀ ଏହି ସତ୍ୟର ସ୍ପଷ୍ଟ ଉଦଘୋଷଣ କରିଛନ୍ତି - ମୁଁ ନିଜର ଗୁରୁ ନାରଦଜିଙ୍କ ବଚନକୁ ଛାଡିବି ନାହିଁ, ପଛେ ମୋର ଘର ବସୁ କି ଉଜୁଡି ଯାଉ, ଏଥିରେ ମୁଁ ଡରେ ନାହିଁ, କାରଣ ଗୁରୁ ବଚନରେ ଯାହାର ବିଶ୍ୱାସ ନାହିଁ, ତାକୁ ସୁଖ ଓ ସିଦ୍ଧି ସ୍ୱପ୍ନରେ ମଧ ସୁଗମ ହୁଏ ନାହିଁ ।

ଯୁଗଋଷି ପରମପୂଜ୍ୟ ଗୁରୁଦେବ ସାଧକ ଓ ଶିଷ୍ୟର ଆଧାତ୍ମିକ ଉତ୍କର୍ଷ ପାଇଁ ତିନୋଟି ସୂତ୍ର ପ୍ରଦାନ କରାଯାଇଛି । ଉପାସନା, ସାଧନା ଓ ଆରାଧନା । ଉପାସନା ଅର୍ଥାତ୍ ନିଜର ଆରାଧଙ୍କ ନିକଟରେ ବସିବା, ତାଙ୍କର ସଦଗୁଣଗୁଡିକୁ ବାରମ୍ବାର ଚିନ୍ତନ ମନନ କରିବା, ସେଗୁଡିକୁ ନିଜ ଜୀବନରେ ଉତାରିବା, ପ୍ରତିଫଳିତ କରିବା । ସାଧନା ଅର୍ଥାତ୍ ସଂଯମ । ଉପାସନାରୁ ଅର୍ଜିତ ଉର୍ଜାକୁ ଇନ୍ଦ୍ରିୟସଂଯମ ଦ୍ୱାରା ହିଁ ସଂରକ୍ଷିତ କରି ପାରିବା ଏବଂ ଆରାଧନା ଅର୍ଥାତ୍ ସେହି ସଂରକ୍ଷିତ ଉର୍ଜାର ସାମାଜିକ ହିତ ଉଦ୍ଦେଶ୍ୟରେ ସୁନିୟୋଜନ କରିବା । ଏହା ସହିତ ନିଜର ପ୍ରତିଭା, ଶ୍ରମ, ସମୟ ଓ ଧନର ଉଚିତ ଉପଯୋଗ, ସମାଜ ହିତରେ ଉପଯୋଗ କରିବା । ଆଉ ଏକ ମହତ୍ତ୍ୱପୂର୍ଣ୍ଣ କଥା ହେଲା ଆମେ କାମନାପୂର୍ତ୍ତି ନୁହେଁ କାମନାରୁ ମୁକ୍ତି ପାଇବା ପାଇଁ ନିଜର ଗୁରୁଙ୍କ ନିକଟରେ ଆଧାତ୍ମିକ ପ୍ରାର୍ଥନା କରିବା । ଯଦି ଆମେ ପ୍ରକୃତରେ ଏକ ସଚ୍ଚା ଶିଷ୍ୟ ପରି ସାଧକ ପରି ସାଧନାର ଏହି ସ୍ୱର୍ଣ୍ଣିମ ସୂତ୍ରଗୁଡିକୁ ନିଜ ଜୀବନରେ ଉତାରି ପାରିବା, ତଦନୁସାର ଜୀବନ ଜିଇ ପାରିବା, ତାହାକୁ ପାଳନ କରି ପାରିବା ତାହେଲେ ଆମର ସର୍ବୋଚ୍ଚ ଉତ୍କର୍ଷ ସୁନିଶ୍ଚିତ ଅବଶ୍ୟମ୍ଭାବୀ ।

## ଗୋ ମାତାଙ୍କ ମହତ୍ତ୍ୱ

**ଗୋ** ମାତା ଯେଉଁଠି ଛିଡା ହୋଇ ଆନନ୍ଦରେ ପ୍ରଶ୍ୱାସ ନିଏ, ସେଠାରେ ବାସ୍ତୁ ଦୋଷ ରହେନାହିଁ । ଗୋ ମାତାର ଶରୀରରେ ତେତିଶ କୋଟି (ପ୍ରକାର) ଦେବା ଦେବୀ ନିବାସ କରନ୍ତି ।

ଯେଉଁଠି ଗୋ ମାତା ଖୁସିରେ ପାକୁଳି କରେ, ସେଠାରେ ଦେବତା ମାନେ ଅଦୃଶ୍ୟ ଶୁଭ ପୁଷ୍ପ ବୃଷ୍ଟି କରିଥାନ୍ତି । ଗୋ ମାତା ବେକରେ ବନ୍ଧା ଯାଇଥିବା ଘଣ୍ଟିଶବ୍ଦରେ ଗୋ ମାତାଙ୍କ ଆରତୀ ହେବା ସହିତ ଦେବାଦେବୀଙ୍କ ଆରତୀ ହୋଇଯାଏ । ଭକ୍ତିର ସହିତ ଗୋ ସେବା କଲେ ସମସ୍ତ ଆପଦ ବିପଦ ଦୂରରେ ରହେ ।

ଗୋ ମାତାର ନିୟମିତ ଖୁରା ପଡୁଥିବା ସ୍ଥାନରେ ସର୍ପ ଓ ବୃଶ୍ଚିକଙ୍କ ପ୍ରାଦୁର୍ଭାବ ରୁହେନି ।

ଦେଶୀ ଗାଈ ଗୋବରରେ ଲକ୍ଷ୍ମୀଙ୍କର ବାସ । ଗୋ ମୂତ୍ରରେ ଗଙ୍ଗା ବିଦ୍ୟମାନ । ଗୋବର ଘଷି ଧୂଆଁ ରେ ଘର ଦୋକାନର ବାତାବରଣ ଶୁଦ୍ଧ ହୁଏ ଏବଂ ସେଥିରୁ ସକାରାତ୍ମକ ଶକ୍ତି ପ୍ରାପ୍ତ ହୁଏ । ଗୋ ମାତାଙ୍କ ଗୋଟିଏ ଆଖିରେ ଚନ୍ଦ୍ର ଜ୍ୟୋତି ତ ଆଉ ଗୋଟିଏ ଆଖିରେ ସୂର୍ଯ୍ୟଙ୍କ ଜ୍ୟୋତି ଥାଏ ।

ଗାଈ ଏ ସଂସାରରେ ପ୍ରତ୍ୟକ୍ଷ ଦେବତା । ଗୋ ମାତା କାମଧେନୁଙ୍କ ରୂପ । ସେ ସନ୍ତୁଷ୍ଟ ହେଲେ ଯାଇ ସକଳ କାମନା ପୂର୍ଣ୍ଣ ହୋଇଥାଏ । ଦେଶୀ ଗାଈ କ୍ଷୀରରେ ସୁବର୍ଣ୍ଣ ତତ୍ତ୍ୱ ଥାଏ । ତେଣୁ ନିୟମିତ କ୍ଷୀର ଖାଉଥିବା ବ୍ୟକ୍ତି ଶରୀରରେ କେବେ ହେଲେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ହୁଏନା ।

ଗୋ ମାତା ଲାଞ୍ଜରେ ହନୁମାନ ରହିଥାନ୍ତି । ତେଣୁ ଦୃଷ୍ଟିଆ ହୋଇଥିଲେ ଗାଈ ଲାଞ୍ଜରେ ଝାଡିଦେଲେ କୁଦୃଷ୍ଟିଦୋଷ ନିବାରଣ ହୁଏ । ଗୋ ମାତାଙ୍କ ମେରୁଦଣ୍ଡରେ ସୂର୍ଯ୍ୟକେତୁ ନାମକ ନାଡି ଥାଏ । ପ୍ରତିଦିନ ପାଞ୍ଚ ମିନିଟ୍ ସେଥିରେ ହାତ ବୁଲାଇ ଆଉଁସିଲେ ସବୁ ରୋଗ ନଷ୍ଟ ହୁଏ ।



ଗାଈର କ୍ଷୀର ଅମୃତ ତୁଲ୍ୟ । ଗୋ ମାତା ଧର୍ମର ମୂଳ । ଗୋ ମାତାକୁ ଛାଡି ସନାତନ ଧର୍ମର କଳ୍ପନା ବି କରାଯାଇ ପାରେନା । ଗୋ ମାତା ପୃଥ୍ୱୀ ମାଆର ରୂପ । ଗୋ ମାତା ଜଗତ ଜନନୀ ସ୍ୱରୂପା । ଗୋ ମାତା ସର୍ବ ବେଦମୟୀ । ସର୍ବ ଦେବମୟୀ । ତାହା ବିନା ପୂଜା ଅସମ୍ପୂର୍ଣ୍ଣ ।

ଗୋଟିଏ ଗୋ ମାତାକୁ ଘାସ ଇତ୍ୟାଦି ଭୋଜନ କରାଇଲେ ତେତିଶ କୋଟି ଦେବତାଙ୍କୁ ଭୋଗ ଲଗାଇବା ସହ ସମାନ ।

ଗୋ ଗୋଷ୍ଠକୁ ନେଇ ମନୁଷ୍ୟରେ ଗୋତ୍ର ପ୍ରଚଳିତ । ସମୁଦ୍ର ମନ୍ଥନରେ ବାହାରିଥିବା ଚଉଦ ରତ୍ନ ମାନଙ୍କ ଭିତରୁ ଗୋଟିଏ । ଗୋ ମାତା ସ୍ୱୟଂ ମାତା ଭବାନୀ ସ୍ୱରୂପା । ପଞ୍ଚଗବ୍ୟ ବିନା ଆନୁଷ୍ଠାନିକ ପୂଜା ହୁଏନି । ହୋମ ସମ୍ପୂର୍ଣ୍ଣ ହୁଏନି । ପଞ୍ଚଗବ୍ୟ ଦ୍ୱାରା ଅନେକ ଅସାଧ ରୋଗ ଠିକ୍ ହୋଇଯାଏ ।

ଗୋ ସେବା କରୁଥିବା ବ୍ୟକ୍ତିର ଅକାଳ ମୃତ୍ୟୁ ହୁଏନା । ସେ ସୁଖୀ ଆଧାତ୍ମିକ ଜୀବନ ଯାପନ କରେ । ତନ, ମନ, ଧନରେ ଯେ ଗୋ ସେବା କରେ ତାର ମୃତ୍ୟୁ ଉତ୍ତାରେ ସେ ବିଷ୍ଣୁଙ୍କ ଧାମ ଗୋଲୋକରେ ବାସକରେ । ଗାଈ ଲାଞ୍ଜ ଧରି ସହଜରେ ତପ୍ତ ବୈତରଣୀ ପାରହୁଏ ।

ଗୋବରରୁ ଜାଳେଣୀ/ ଗୋବର ଗ୍ୟାସ ମିଳେ । ଗୋ ମାତା ସବୁ ଦେବତା ଓ ମନୁଷ୍ୟଙ୍କ ଇଷ୍ଟ ଓ ଆରାଧ । ସାକେତ ପୁରୀ ସମେତ ଇନ୍ଦ୍ରଲୋକଠାରୁ ମହାନ ଗୋଲୋକ ଧାମ । ଗୋ ମାତା ବିନା ପୃଥିବୀର ସଂରଚନା ସମ୍ଭବ ହୋଇ ନଥାନ୍ତା ।

ଗୋ ମାତାଙ୍କ ଦିବ୍ୟ ଶକ୍ତିରେ ସଂସାରର ସନ୍ତୁଳନ ରକ୍ଷା ହୋଇଛି । ଗୋ ବଂଶଦ୍ୱାରା ଉପୁଜା ଯାଇଥିବା ଶସ୍ୟ ଫସଲ ସର୍ବୋତ୍କୃଷ୍ଟ ଅଟେ । ଗୋ ମାତା ମନୁଷ୍ୟ ସମାଜକୁ ସର୍ବଦା ଦୁଗ୍ଧ ଜାତ ପଦାର୍ଥ ଦେଇ ଉର୍ଜାର ଉତ୍ସ ହୋଇଛି । ଯେଉଁଠି ଗୋ ମାତାର ନିବାସ ସେଠି ସକଳ ତୀର୍ଥ ଧାମ ରହିଥାଏ ।

ଗୋ ମାତାର ସେବା ପରିକ୍ରମାରେ ତୀର୍ଥ ଯାତ୍ରାର ଫଳ ମିଳେ । ଯାହାର ଭାଗ୍ୟ ଅସ୍ତମିତ ବା ହାତରେ ଭାଗ୍ୟ ରେଖା ନାହିଁ । ସେ ନିଜ ହାତରେ ଗାଈଙ୍କୁ ଗୁଡ ଚଟାଇଲେ ଭାଗ୍ୟ ଉଦୟ ହୁଏ । ଗୋ ମାତାର ଚାରି ଗୋଡ ମଝିରେ ଗଳିଗଲେ ମନୁଷ୍ୟକୁ ନିର୍ଭୟତା ପ୍ରାପ୍ତ ହୁଏ । ଗୋ ମାତାଙ୍କ ଆନନ୍ଦ ମୟ ଶ୍ୱାସ କ୍ରିୟାରେ ବାତାବରଣ ଶୁଦ୍ଧ ହୁଏ । ନକାରାତ୍ମକ ଶକ୍ତି ବିନଷ୍ଟ ହୁଏ ।

ଗୋ ମାତା ଗର୍ଭରୁ ପ୍ରଖ୍ୟାତ ବିଦ୍ୱାନ ଗୋକର୍ଣ୍ଣ ଜୀ ମହାରାଜ ଜାତ ହୋଇଥିଲେ । ଗୋ ମାତାଙ୍କ ସେବା କରିବା ପାଇଁ ଏ ଧରାଧାମରେ ଅନେକ ପୂଣ୍ୟାତ୍ମା ଓ ଦେବୀ ଦେବତା ଅବତାର ନିଅନ୍ତି । ଗାଈର ପ୍ରଥମ କ୍ଷୀର ବନ୍ଧ୍ୟା ନାରୀକୁ ପାନ କରାଇଲେ ସେ ବାଞ୍ଝ ଦୋଷରୁ ମୁକ୍ତିପାଏ ।

ଗୋଧନ ଅର୍କ (ଶୁଦ୍ଧ) ଗୋମୂତ୍ର ସେବନରେ ସମସ୍ତ ରୋଗ ଦୂରୀଭୂତ ହୁଏ । ଗୋ ଗୋମାତାଙ୍କୁ ବାତ୍ସଲ୍ୟ ଦୃଷ୍ଟିରେ ଚାହିଁ ଦେଲେ ଦୈବୀ କୃପା ହୁଏ । ଗାଈ ଜଗତର ପ୍ରାଣ କେନ୍ଦ୍ର ।

କାଳୀ ଗାଈ ପୂଜନରେ ଗ୍ରହ ଶାନ୍ତି ହୁଏ । ଶତ୍ରୁ ଦାଉରୁ ମୁକ୍ତି ମିଳେ । ଗୋ ମାତା ଧାର୍ମିକ, ସାଂସ୍କୃତିକ, ଓ ଆଧାତ୍ମିକ ଦୃଷ୍ଟିରେ ସର୍ବଗୁଣ ସମ୍ପନ୍ନ । ଗାଈ ଗୋଟିଏ ଚଳନ୍ତି ଦେବାଳୟ । ନିତି ଗାଈ ସେବା କଲେ ସମସ୍ତ ଦେବ ଦର୍ଶନ ପୂଜନର ଫଳ ମିଳେ । କୌଣସି ଶୁଭ କର୍ମ ଅଟକିଥିଲେ, ଗୋ ମାତା କାନ ପାଖରେ ନିଜ ଦୁଃଖ ଜଣାନ୍ତୁ । କାର୍ଯ୍ୟ ନିଶ୍ଚୟ ସଫଳ ହେବ । ମୋକ୍ଷକାମୀ ବ୍ୟକ୍ତି ଗୋ ସେବାରେ ବ୍ରତୀ ହେବା ଉଚିତ ।

ଗୋ ମାତା ସର୍ବ ସୁଖଦାୟୀ ମାଆ । ହେ !ମାଆ ତା'ର ମହିମା ଅନନ୍ତ, ଗୁଣ ଅପାର, ସମସ୍ତ ଗୁଣ ବର୍ଣ୍ଣିକୁ ଅସମର୍ଥ । କୃପା କର ମାତା । ତା'ର କୃପାବଳରେ ଭକ୍ତିମୁକ୍ତି ମିଳୁ ।

## ସୁନ୍ଦରଗଡ଼ରେ ନାବାର୍ଡର ପ୍ରତିଷ୍ଠା ଦିବସ ପାଳିତ

ସୁନ୍ଦରଗଡ଼ : ରାଜ୍ୟବ୍ୟାପୀ ଏନଆଇସି ମାଧମରେ ପାଳିତ ହୋଇଥିବା ନାବାର୍ଡ ୪୦ତମ ପ୍ରତିଷ୍ଠା ଦିବସ ଅବସରରେ ସୁନ୍ଦରଗଡ଼ରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ମହାପାତ୍ର, ନାବାର୍ଡର ଡିଡିଏମ୍ ତାପସ କୁମାର ବେହେରା ପ୍ରମୁଖ ଅଧିକାରୀମାନେ ଯୋଗଦେଇ କୃଷିକ୍ଷେତ୍ରରେ ଋଣ ବ୍ୟବସ୍ଥା, ରାଜ୍ୟର ସର୍ବାଙ୍ଗୀନ ବିକାଶରେ ନାବାର୍ଡର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ସୁନ୍ଦରଗଡ଼ ଜିଲ୍ଲାରୁ ମଧୁସୂଦନ ମାଝୀଙ୍କୁ ଜିଲ୍ଲାର ବିଶିଷ୍ଟ ଚାଷୀ ଭାବେ ନାବାର୍ଡ ସହାୟତାରେ କୃଷି ଉତ୍ପାଦିତ ଗୋଷ୍ଠୀର କାର୍ଯ୍ୟକ୍ରମ ଦିଗରେ ବିଶେଷ ଅବଦାନ ପାଇଁ ପୁରସ୍କୃତ କରାଯାଇଥିଲା ।

## ତପନ ମହାନ୍ତି ସମ୍ବଲପୁର ଅତିରିକ୍ତ ଏସ୍.ପି ହେଲେ

ସମ୍ବଲପୁର : ସଦର ଏସ୍.ଡି.ପି.ଓ ରୂପେ କାର୍ଯ୍ୟରତ ଥିବା ତପନ କୁମାର ମହାନ୍ତି ପଦୋନ୍ନତି ପାଇବା ପରେ ଏଠାରେ ଅତିରିକ୍ତ ଏସ୍.ପି ପଦବୀରେ ଅବସ୍ଥାପିତ ହୋଇଛନ୍ତି । ସେହିପରି ଆଇ.ୟୁ.ସି ଏଡବ୍ଲ୍ୟୁର ଡି.ଏସ୍.ପି ଶିଶୁ ରଞ୍ଜନ ମହାପାତ୍ରଙ୍କୁ ଢେଙ୍କାନାଳ ଆଇୟୁସିଡବ୍ଲ୍ୟୁ ଅତିରିକ୍ତ ଏସ୍.ପି ଭାବେ ବଦଳି ହୋଇଛନ୍ତି । ସମ୍ବଲପୁର ଅତିରିକ୍ତ ଏସ୍.ପି. ଉଗ୍ରସେନ ପ୍ରଧାନଙ୍କୁ ସୁନ୍ଦରଗଡ଼ ଆଇୟୁସି ଏଡ଼ବ୍ଲ୍ୟୁ ଅତିରିକ୍ତ ଏସ୍.ପି ଭାବେ ବଦଳି କରାଯାଇଛି ।

## ସମ୍ବଲ ଦ୍ୱାରା ଶବ ସତ୍କାର

ସମ୍ବଲପୁର : ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସମ୍ବଳ' ଦ୍ୱାରା ଜଣେ ଅସହାୟ ବ୍ୟକ୍ତିର ଶବ ସତ୍କାର କରାଯାଇଛି । ଶଶି ଦାସ ଓ ତାଙ୍କ ପତ୍ନୀ ଭାରତୀ ଦାସ ତାଙ୍କର ଦୁଇ ପୁତ୍ର ସାଙ୍ଗରେ ବଲାଙ୍ଗିର ତିଲିଗୁଡାରୁ ଆସି ଦୀର୍ଘ ବର୍ଷେ ହେଲା ସହରର ଗୁଡେଶ୍ୱର ମନ୍ଦିର ପାଖରେ ରହୁଥିଲେ । କୌଣସି କାରଣରୁ ସେ ଆତ୍ମହତ୍ୟା କରିଥିଲେ । ଦୁଇ ପୁଅ ବ୍ୟତୀତ ଆଉ କିଏ ନଥିବାରୁ ତାଙ୍କ ପତ୍ନୀ ଅସହାୟ ହୋଇ ସମ୍ବଳ ସହ ଯୋଗାଯୋଗ କରିଥିଲେ । ଶବ ବ୍ୟବଚ୍ଛେଦ ପରେ କମଲି ବଜାର ସ୍ଥିତ ରାଜ ଘାଟରେ ଶବ ସତ୍କାର କରାଯାଇଥିଲା । ସେହିପରି ଦୀର୍ଘ ଦେଢ ବର୍ଷ ହେବ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣେ ଅଜଣା ବ୍ୟକ୍ତିର ଶବକୁ ମଧ ସତ୍କାର କରାଯାଇଛି । ଏଥିରେ ସୌରୀ ପାଣିଗ୍ରାହୀ, ଦିଲିପ ବୋଷ ଏବଂ ରାମଦାସ ପଣ୍ଡା ସହଯୋଗ କରିଥିଲେ ।

## ଉଦ୍ୟାନ କୃଷି ବିଭାଗ ଯୁଗ୍ମ ନିର୍ଦ୍ଦେଶକଙ୍କ ମରୁଡ଼ି ପରିସ୍ଥିତିର ଅନୁଧ୍ୟାନ



ରେଢ଼ାଖୋଲ : କୃଷି ଓ କୃଷକ କଲ୍ୟାଣ ସଚିବଙ୍କ ନିର୍ଦ୍ଦେଶ କ୍ରମରେ ଉଦ୍ୟାନ କୃଷି ବିଭାଗ ଯୁଗ୍ମ ନିର୍ଦ୍ଦେଶକ ରେଢ଼ାଖୋଲ ଗସ୍ତରେ ଆସି ବିଭିନ୍ନ ଗ୍ରାମକୁ ଯାଇ ମରୁଡି ପରିସ୍ଥିତ ଅନୁଧାନ କରିଛନ୍ତି । ଚଳିତ ଖରିଫ ଋତୁରେ ବର୍ଷାଭାବ ଯୋଗୁଁ ରେଢ଼ାଖୋଲ ବ୍ଲକରେ ମରୁଡି ପରିସ୍ଥିତି ଦେଖା ଦେଇଥିବା ବେଳେ ଉଦ୍ୟାନ କୃଷି ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଶୈଳେଶ ରଂଜନ ପଟ୍ଟନାୟକ ରେଢ଼ାଖୋଲ ବ୍ଲକର ମୋଚିବାହାଳ, ଚାରମାଳ, ବଡବାହାଳ, କଦଳିଗଡ, ଲୁହାପଙ୍କ ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଗସ୍ତ କରି ମରୁଡି ପରିସ୍ଥିତି ଅନୁଧାନ କରି ଚାଷୀ ମାନଙ୍କ ସହିତ ଆଲୋଚନା କରିଥିଲେ । ତାଙ୍କ ସହିତ ରେଢ଼ାଖୋଲ କୃଷି ଜିଲ୍ଲା ଅଧିକାରୀ ଦିଲ୍ଲୀପ ନାଏକ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଜଗନ୍ନାଥ ଦାସ, ଯୋଜନା ଅଧାକରୀ ଟଙ୍କଧର ନାଗ, ସହକାରୀ କୃଷି ଅଧିକାରୀ ଗଗନ ବିହାରୀ ନାଏକଙ୍କ ସମେତ କ୍ଷେତ୍ର କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ପ୍ରଥମ ପର୍ଯ୍ୟାୟ ଆଶୀର୍ବାଦ ଯୋଜନାରେ ୧୦୩ ଶିଶୁ ଉପକୃତ

ଦେବଗଡ : : ଅସହାୟ ଶିଶୁଙ୍କ ଉଜ୍ୱଳ ଭବିଷ୍ୟତ ପାଇଁ ଯତ୍ନ ଓ ସୁରକ୍ଷା ନିମନ୍ତେ ରାଜ୍ୟ ସରକାର ଆଶୀର୍ବାଦ ଯୋଜନା ଶୁଭାରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ସୁଧାଂଶୁ ମୋହନ ସାମଲଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ତତ୍ୱାବଧାନରେ ଜିଲ୍ଲାର ସମସ୍ତ ବିଡିଓ, ସରପଞ୍ଚ, ଅଙ୍ଗନୱାଡି କର୍ମୀ, ସୁପରଭାଇଜର ଓ ସିଡିପିଓଙ୍କ ସହ ଚାଇଲ୍ଡ ଲାଇନ୍ କର୍ମକର୍ତ୍ତା ଏଭଳି ୪୯୫ ଜଣ ଅସହାୟ ଶିଶୁଙ୍କୁ ଚିହ୍ନଟ କରୁଛନ୍ତି । ୧ମ ପ୍ରର୍ଯ୍ୟାୟରେ ସେମାନଙ୍କ ମଧରୁ ୧୦୩ ଜଣ ଶିଶୁଙ୍କୁ ଯୋଜନାରେ ସାମିଲ କରାଯାଇଛି । ବାପା-ମା' ଛେଉଣ୍ଡ ୧୦ ଜଣ ଛୁଆଙ୍କୁ ମାସିକ ୨୫୦୦ ଓ ରୋଜଗାରକ୍ଷମ ବାପାଙ୍କୁ ହରାଇଥିବା ୯୩ ଶିଶୁଙ୍କୁ ମାସିକ ୧୫୦୦ ଟଙ୍କା ଲେଖାଏଁ ୧୮ ବର୍ଷ ଯାଏଁ ପ୍ରଦାନ କରାଯିବ । ଏଥିସହ ବାପା-ମା' ଛେଉଣ୍ଡ ଉକ୍ତ ୧୦ ଜଣ ଛୁଆଙ୍କୁ ମଧୁବାବୁ ପେନସନ୍ ଯୋଜନାରେ ସାମିଲ କରାଯିବା ସହ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ମାସିକ ୫୦୦ ଟଙ୍କା ଦିଆଯିବ ବୋଲି ପ୍ରଶାସନିକ ସୂଚନା ରହିଛି । ୧୦୩ ଶିଶୁଙ୍କ ମଧରୁ ପୌରାଞ୍ଚଳର ୧୭, ରିଆମାଳ ବ୍ଲକର ୪୦, ବାରକୋଟ ବ୍ଲକର ୩୫ ତଥା ତିଳେଇବଣି ବ୍ଲକର ୧୧ ଜଣ ରହିଥିବା ବେଳେ ୫୭ ପୁଅ ଓ ୪୬ ଝିଅ ରହିଛନ୍ତି ।

## ରେମଣ୍ଡା ଓ ରକ୍ଷୁଡ଼ା ସ୍କୁଲ୍ ପରିଦର୍ଶନ କଲେ ବିଧାୟିକା

ବରଗଡ଼ : ଭେଡ଼େନ ବ୍ଲକ ରେମଣ୍ଡା ସ୍କୁଲ ଓ ରକ୍ଷୁଡ଼ା ସ୍କୁଲକୁ ରାଜ୍ୟ ସରକାର ୫-ଟିରେ ସାମିଲ କରିଛନ୍ତି । ଏହା ପରେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଉଭୟ ସ୍କୁଲ୍ ପରିଦର୍ଶନ କରିଛନ୍ତି । ରକ୍ଷୁଡା ସ୍କୁଲ ପରିଚାଳନା କମିଟି ସଭ୍ୟ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି । ଆଗାମୀ ଦିନରେ ସ୍କୁଲ୍‌ରେ ଶୈକ୍ଷିକ ପରିବେଶକୁ ଅଧିକ ସୁଦୃଢ଼ କରିବାକୁ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ସଭାରେ ରକ୍ଷୁଡା ସ୍କୁଲର ପ୍ରଧାନ ଶିକ୍ଷକ ଜୟଶ୍ରୀ ଦେହେରୀ, ଭେଡେନ ବ୍ଲକ ଅଧକ୍ଷ ଡାଳାମଣି ଖେତି, ବିଡ଼ିଓ ରଘୁନାଥ ପାଣିଗ୍ରାହୀ, ଜିଲ୍ଲା ପରିସଦ ସଭ୍ୟ ସୁବାସ ହୋତା, ଭେଡେନ ବ୍ଲକ ବିଜେଡି ସଭାପତି ହରିଶଙ୍କର ବେହେରା, ଏଇଇ ସୈଲେସ ଡେଲକୀ, ଆତ୍ମା ସଭାପତି ସୁରେନ୍ଦ୍ର କର୍ମୀ, ବ୍ଲକ ଜେଇ ପ୍ରଦୀପ ପଧାନଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ । ରେମଣ୍ଡା ସ୍କୁଲ୍‌ରେ ଅନୁଷ୍ଠିତ ବୈଠକରେ ପ୍ରଧାନ ଶିକ୍ଷକ ବିଜୟ ଜୈସ୍ୱାଲ, ପର୍ଶୁରାମ ପାତ୍ର, ସ୍କୁଲ୍ ଚେୟାରମେନ୍ ତୋଷବନ୍ତ ବେହେରା, ଡାକ୍ତର ମନୋରଞ୍ଜନ ମେହେର, ସହଯନ୍ତ୍ରୀ ସୁଶାନ୍ତ ପଟେଲ ତଥା ବହୁ ପୁରାତନ ଛାତ୍ର ଉପସ୍ଥିତ ଥିଲେ ।

## ଭିଜିଲାନ୍ସ ଜାଲରେ ଗ୍ରାମ ପଞ୍ଚାୟତ ଅଧିକାରୀ

ସୁବର୍ଣ୍ଣପୁର : ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ ଗ୍ରାମ ପଞ୍ଚାୟତ ଅଧିକାରୀ ଗୋବିନ୍ଦ ଭୋଇ ଆୟବର୍ହିଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ଦୁର୍ନୀତି ନିବାରଣ ବିଭାଗ ୫ଟି ସ୍ଥାନରେ ଚଢ଼ାଉ କରିଛି । ଶ୍ରୀ ଭୋଇଙ୍କ କଣ୍ଟାବାଞ୍ଜିର ପଟେଲ କଲୋନୀ ସ୍ଥିତ ବାସଭବନ, ଧଣ୍ଡାମୁଣ୍ଡାର ପିତୃକ ବାସଭବନ, ତୁରେକେଲା ମୁରିବାହାଲ ବ୍ଲକ କାର୍ଯ୍ୟାଳୟ ଏବଂ ତାଙ୍କ ଫଟୋ ଷ୍ଟୁଡିଓରେ ଚଢ଼ାଉ ହୋଇଥିବା ଜଣାପଡିଛି ।

## ଦେବଗଡ଼ରେ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା



ଦେବଗଡ : ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ଡିଇଓ କାର୍ଯ୍ୟାଳୟରେ ଭିଡିଓ କନଫରେନ୍ସିଂ ମାଧମରେ ଜିଲ୍ଲା ସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ଏହାକୁ ଉଦ୍‌ଘାଟନ କରିଥିବା ବେଳେ ଅତିରିକ୍ତ ଡିଇଓ ଶକୁନ୍ତଳା ଟେଙ୍ଗେ ଓ ବିନୋଦ ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଜ୍ଞାନ ନିରୀକ୍ଷକ ଶୁଶିଳ ପରିଡାଙ୍କ ତତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧାପକ ଜେନାମଣୀ ସାହୁ ଓ ନରେନ୍ଦ୍ର ଶତପଥୀ ବିଚାରକ ରହିଥିଲେ । ମେଳାରେ ବ୍ଲକ ସ୍ତରରୁ ଆସିଥିବା ୧୫ଟି ପ୍ରକଳ୍ପ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା । ଏଥିରୁ ଇକୋ-ଫ୍ରେଣ୍ଡଲି ମେଟେରିଆଲ୍ ବିଭାଗରେ ତିଳେଇବଣି ଓଡିଶା ଆଦର୍ଶ ବିଦ୍ୟାଳୟର ଅଭିଜ୍ଞ ରଣା, ହେଲଥ୍ ହାଇଜିନ୍ ଆଣ୍ଡ କ୍ଲିନ୍‌ନେସ୍ ବିଭାଗରେ ଦେବଗଡ଼ ଗାର୍ଲସ ହାଇସ୍କୁଲର ସନ୍ତୋଷିନୀ ସିଂ, ଇଂଟାରେକ୍ଟିଭ୍ ସଫ୍ଟୱେୟାର ବିଭାଗରେ ବାରକୋଟ ଓଡିଶା ଆଦର୍ଶ ବିଦ୍ୟାଳୟର ମେଘନାଦ ପ୍ରଧାନ, ହିଷ୍ଟୋରିକାଲ ଡେଭେଲପମେଣ୍ଟ ବିଭାଗରେ ନଈକୁଳ ହାଇସ୍କୁଲର ପୂଜା ଗରିଆ ଏବଂ ମେଥମେଟିକାଲ ମୋଡେଲିଂ ବିଭାଗରେ ତିଳେଇବଣି ଆଦର୍ଶ ବିଦ୍ୟାଳୟର ସ୍ମରଣିକା ସାହୁ ରାଜ୍ୟସ୍ତରୀୟ ବିଜ୍ଞାନ ମେଳା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି ।

### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ନିଷ୍ଠାପର ସେବା ଲାଗି ଚାରି ରେଳ କର୍ମଚାରୀ ପୁରସ୍କୃତ



ସମ୍ବଲପୁର : ସମ୍ବଲପୁର ରେଳ ମଣ୍ଡଳ ଅଧିନରେ ଥିବା ମୁନିଗୁଡା ଷ୍ଟେସନରେ କାର୍ଯ୍ୟରତ ଷ୍ଟେସନ ମାଷ୍ଟର ଅନୁଜ ରାଜ, ଟ୍ରାକ ମ୍ୟାଣ୍ଟେନର ଦୀପୁ ଶଙ୍କର ଓ ବଲାଙ୍ଗିର ଷ୍ଟେସନରେ କାର୍ଯ୍ୟରତ ପଏଣ୍ଟସ୍ ମ୍ୟାନ୍ ସରୋଜ କୁମାର ରାଣା ଓ ଡୁଙ୍ଗୁରିପାଲି ଷ୍ଟେସନର ଇଞ୍ଜିନିୟରଙ୍ଗ ବିଭାଗର କାର୍ଯ୍ୟରତ ଟ୍ରାକ ମ୍ୟାଣ୍ଟେନର ମୀନକେତନ ଜୁଆଡି ନିରାପତ୍ତା ପ୍ରତି ସଜାଗ ଓ ସୁରକ୍ଷିତ ରେଳ ଚଳାଚଳ ପ୍ରତି କର୍ତ୍ତବ୍ୟ ନିଷ୍ଠା ପାଇଁ ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ପ୍ରଦୀପ କୁମାର ପ୍ରମାଣ ପତ୍ର ସହ ନଗଦ ରାଶି ଦେଇ ସମ୍ମାନିତ କରିଛନ୍ତି । ଏହି ଅବସରରେ ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ ପିତବାସ ପଣ୍ଡା, ବରିଷ୍ଠ ମଣ୍ଡଳ ଯନ୍ତ୍ରୀ ଜୟନ୍ତ କୁମାର ଖମାରୀ ଏବଂ ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକ ତନ୍ମୟ ମୁଖୋପାଧାୟ ଉପସ୍ଥିତ ଥିଲେ ।

# ସୁବର୍ଣ୍ଣପୁର ଜିଲ୍ଲା ଶିକ୍ଷା ସେତୁ କାର୍ଯ୍ୟକ୍ରମ ଶୁଭାରମ୍ଭ

ସୁବର୍ଣ୍ଣପୁର : ସୁବର୍ଣ୍ଣପୁର ଜିଲ୍ଲା ଶିକ୍ଷା ସେତୁ କାର୍ଯ୍ୟକ୍ରମର ଜିଲ୍ଲାପାଳ ଅବୋଲି ସୁନୀଲ ନରୱାଣେ ଶୁଭାରମ୍ଭ କରିଛନ୍ତି । ମଝିପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଜିଲ୍ଲା ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଶିକ୍ଷା ବିଭାଗ ତରଫରୁ ପିଲାଙ୍କ ଶୈକ୍ଷିକ ବିକାଶକୁ ପରୀକ୍ଷା କରିବା ନିମନ୍ତେ ପ୍ରସ୍ତୁତ ପ୍ରଶ୍ନାବଳୀ ପୁସ୍ତିକାକୁ ଜିଲ୍ଲାପାଳ ଉନ୍ମୋଚନ କରିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଗଡ଼ତିଆ, ବୀରମହାରାଜପୁରର ବରିଷ୍ଠ ଗୋଷ୍ଠୀ ଶିକ୍ଷାଅଧିକାରୀ ଶାନ୍ତନୁ କୁମ୍ଭକାର ପ୍ରମୁଖ ଯୋଗ ଦେଇଥିଲେ ।



# ରେମେଡ଼ ଉପଡ଼ାକ ଘରେ କୋର ବ୍ୟାଙ୍କି ସେବା ଉଦଘାଟିତ

ସମ୍ବଲପୁର : ରେମେଡରେ ଥିବା ଉପଡ଼ାକ ଘରେ କୋର ବ୍ୟାଙ୍କି ସେବା ପି.ଏମ୍.ଜି ଲଳିତେନ୍ଦୁ ପ୍ରଧାନଙ୍କ ଦ୍ୱାରା ଉଦଗାଟିତ ହୋଇ ଯାଇଛି । ଏହା ଦ୍ୱାରା ରେମେଡ



ସମେତ ୬ ଟି ଡାକଘରର ଉପଭୋକ୍ତା କୋର ବ୍ୟାଙ୍କିଂ ସେବାର ଲାଭ ପାଇ ପାରିବେ । ଉଦଘାଟନୀ ଉତ୍ସବରେ ସମ୍ବଲପୁର ଡାକ ଅଧୀକ୍ଷକ ବିପିନ ବିହାରୀ ନେଗୀ, ଡାକ ନିରୀକ୍ଷକ ଶ୍ରାବଣୀ ପ୍ରଧାନ ଓ ରେମେଡ଼ ପୋଷ୍ଟମାଷ୍ଟର ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଆହ୍ୱାନ -ଏଡ଼ ତରଫରୁ ୪ ଗୋଟି ଅମ୍ଳଜାନ ସାନ୍ଦ୍ରକ ପ୍ରଦାନ



ସୁବର୍ଣ୍ଣପୁର: କରୋନା ମହାମାରୀର ତୃତୀୟ ଲହରକୁ ପ୍ରତିହତ କରିବା ନିମନ୍ତେ ରାଜ୍ୟ ଆହ୍ୱାନ ଏଡ଼ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପାଇଁ ୪ ଗୋଟି ଅମ୍ଳଜାନ ସାନ୍ଦ୍ରକ ଆହ୍ୱାନ-ଏଡ଼ର ରାଜ୍ୟ ପ୍ରୋଗ୍ରାମ ମ୍ୟାନେଜର ଶ୍ରୀ ଘାସିରାମ ପଣ୍ଡା ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶଙ୍କୁ ପ୍ରଦାନ କରିଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ ଦିଲୀପ କୁମାର ପଣ୍ଡା ଓ ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ ପ୍ରଦୀପ କୁମାର ଗୁରୁ ପ୍ରଦତ୍ତ ଅମ୍ଳଜାନ ସାନ୍ଦ୍ରକ ଗ୍ରହଣ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧରେ ଆହ୍ୱାନ ଏଡ଼ର ଜିଲ୍ଲା ସଂଯୋଜକ ରାକେଶ ପ୍ରଧାନ, ସ୍ୱାସ୍ଥ୍ୟ ବିଭାଗର ତାରିଣୀ ପାତ୍ର, ପ୍ରଧାନ ଶିକ୍ଷକ ସାହାରା ସ୍କୁଲ, ଗତିକୃଷ୍ଣ ମିଶ୍ର, ଶିକ୍ଷାବିତ ଅମ୍ବୁଜ ବିହାରୀ ଶତପଥୀ, ରେଆର ସମ୍ପାଦକ ଅନଙ୍ଗ ନେଗୀ, ସାମ୍ବାଦିକ ସ୍ୱାଧୀନ କୁମାର ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

# ସାଇବର ଅପରାଧ ସଚେତନତା ରଥ




ଝାରସୁଗୁଡ଼ା : ଝାରସୁଗୁଡ଼ା ଜିଲ୍ଲାରେ ବଢୁଥିବା ସାଇବର ଅପରାଧକୁ ଆଖି ଆଗରେ ରଖି ପୁଲିସ ପକ୍ଷରୁ ଜନସଚେତନତା ସୃଷ୍ଟି ଉଦେଶ୍ୟରେ ସଚେତନତା ରଥ। ବ୍ରଜରାଜନଗର ସହର ଭିତରେ ପରିକ୍ରମା କରିଛି । ଏହି ସଚେତନତା ରଥକୁ ବ୍ରଜରାଜନଗର ଏସଡ଼ିପିଓ ଦିଲୀପ ଦାସ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ରଥ ବ୍ରଜରାଜନଗର ସହର ସମେତ ବେଲପାହାଡ଼ା, ଲଖନପୁର ବନହରପାଲି, ବନ୍ଧବାହାଲ ଓ ରେଙ୍ଗାଲି ଅଞ୍ଚଳ ବୁଲି ଲୋକଙ୍କ ସଚେତନତା ସୃଷ୍ଟି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଏସଡ଼ିପି ଶ୍ରୀ ଦାସ କହିଛନ୍ତି ।

# ବରଗଡ଼ରେ ନୂଆ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟିତ



ବରଗଡ଼ : ଦୀର୍ଘ ଅଢ଼େଇ ବର୍ଷ ପ୍ରତୀକ୍ଷା ପରେ ନୂଆ ବସ୍‌ଷ୍ଟାଣ୍ଡ ଉଦଘାଟିତ ହୋଇଛି । ଏହି ବସ୍‌ଷ୍ଟଣ୍ଡ ପରିସରରେ କାର୍ଯ୍ୟନିର୍ବାହୀ ଅଧିକାରୀ ନାରୟେଣ ଡ଼ନସେନାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଷ୍ଟାଣ୍ଡକୁ ଉଦ୍‌ଘାଟନ କରିବା ସହ ସବୁଜ ପତାକା ଦେଖାଇ ବସ୍ ଗଡ଼ାଇଥିଲେ । ଜିଲ୍ଲାପାଳ ମୋନିଷା ବାନାର୍ଜୀ ଓ ଏସ୍‌ପି ରାହୁଲ ଜୈନ ତଥା ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଫିତାକାଟି ଫଳକ ଉନ୍ମୋଚନ କରିବା ସହିତ କେକ୍ କାଟିଥିଲେ । ଘରୋଇ ବସ୍ ମାଲିକ ସଂଘର ଉପଦେଷ୍ଟା ଦେବବ୍ରତ ମିଶ୍ର, ସଭାପତି ଭୀଷ୍ମଦେବ ଦୋରା, ସମ୍ପାଦକ ଶେଖ ନଜିମୁଦ୍ଦିନ, ସରୋଜ ମହାପାତ୍ର, ପୂରନ ଶର୍ମା, ଏମ୍‌ଡ଼ି.ଇଦିରିଶଙ୍କ ସମେତ ବସ୍ ମାଲିକମାନେ ସମସ୍ତଙ୍କୁ ସ୍ୱାଗତ କରି ପାଛୋଟି ନେଇଥିଲେ ।

# କେନ୍ଦ୍ର ଚାଷୀ ମାରଣ ନୀତି ବିରୋଧରେ ବିଜେଡିର ଧାରଣା



ସମ୍ବଲପୁର: କେନ୍ଦ୍ର ସରକାରଙ୍କ ଚାଷୀମାରଣ ନୀତି, ବକେୟା ଟଙ୍କା ପ୍ରଦାନ ନ କରିବା ଓ ଏଫସିଆଇ ଚାଉଳ ଉଠାଣରେ ଅବହେଳା ପ୍ରତିବାଦରେ ସମ୍ବଲପୁର ଜିଲ୍ଲା ବିଜେଡି ପକ୍ଷରୁ ଗଣଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଫାର୍ମ ରୋଡ ସ୍ଥିତ ଏଫସିଆଇ ମଣ୍ଡଳ କାର୍ଯ୍ୟାଳୟ ହୀରାକୁଦ ଓ କଣ୍ଟାପାଲି ସ୍ଥିତ ଏଫସିଆଇ ଗୋଦାମ ସମ୍ମୁଖରେ ଧାରଣା ଦିଆଯାଇଥିଲା । ପରେ ଜିଲ୍ଲାପାଳ ଦାୟିତ୍ୱରେ ଥିବା ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ତ୍ରିପାଠୀଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ଜିଲ୍ଲା ସଭାପତି ସିଦ୍ଧାର୍ଥ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସରକାରୀ ଉପମୁଖ୍ୟ ସଚେତକ ତଥା ରେଢ଼ାଖୋଲ ବିଧାୟକ ଇଂ.ରୋହିତ ପୂଜାରୀ, କୁଚିଣ୍ଡା ବିଧାୟକ କିଶୋର ନାଏକ, ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ଓ ଜିଲ୍ଲା ପର୍ଯ୍ୟବେକ୍ଷକ ନଳିନୀ ପ୍ରଧାନ ମଞ୍ଚାସୀନ ଥିଲେ । ଧାନର ସର୍ବନିମ୍ନ ବୃଦ୍ଧି ଲାଗି ରାଜ୍ୟ ସରକାର ବାରମ୍ବାର ଦାବି କରୁଥିଲେ ସୁଦ୍ଧା କେନ୍ଦ୍ରର ବିଜେପି ସରକାର ସେଭଳି ଆଖିଦୃଶିଆ ପଦକ୍ଷେପ ନେଇ ନାହିଁ । ଧାନ ଉତ୍ପାଦନ ଅନୁଯାୟୀ ଚାଉଳ ଉଠାଯାଉ ନ ଥିବାରୁ ଗୋଦାମରେ ଚାଉଳ ଅଭାବ ଦେଖା ଦେଇଛି । ଚାଷୀଙ୍କୁ ନେଇ ବିଜେପିର କୌଣସି ଦରଦ ନାହିଁ । ତେଣୁ ବିଜେଡି ଆଗାମୀ ଦିନରେ ଚାଷୀକୁଳକୁ ନେଇ ଆନ୍ଦୋଳନ ଜୋରଦାର କରିବ ବୋଲି ଚେତାବନୀ ଦିଆଯାଇଛି । ରାଜ୍ୟ ମହିଳା ବିଜେଡି ଯୁଗ୍ମ ସମ୍ପାଦକ ଡକ୍ଟର ସଞ୍ଜୁକ୍ତା ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

# ନାବାର୍ଡର ୪୦ ତମ ପ୍ରତିଷ୍ଠା ଦିବସ ପାଳନ

ସୋନପୁର: ସୁବର୍ଣ୍ଣପୁର ଠାରେ ନାବାର୍ଡର ୪୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁର୍ଯ୍ୟନାରାୟଣ ଦାଶ ଯୋଗ ଦେଇଥିଲେ । ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧରେ ଶ୍ରୀ ତାପସ ଶଙ୍କର ରାଉତ,ଏଜିଏମ୍, ନାବାର୍ଡ ଏବଂ ଲିଡ୍ ବ୍ୟାଙ୍କ୍ ପ୍ରତିନିଧି ଶ୍ରୀ ଦିଲୀପ କୁମାର ମିଶ୍ର ଉପସ୍ଥିତ ଥିଲେ । ଡୁଙ୍ଗୁରିପାଲି ବ୍ଲକରେ କାର୍ଯ୍ୟକାରୀ ହେଉଥିବା ନାବାର୍ଡର ଓ ଏଫ ପି ଓ ର ସହାୟତା ମାଧମରେ ନିଜର ଦକ୍ଷତା ଏବଂ ଡିଜାଇନରେ ଉନ୍ନତି ଆଣିଥିବା ବୁଣାକାର ଶ୍ରୀମତୀ କସ୍ତୁରୀ ମେହେରଙ୍କୁ ଅତିରିକ୍ତ ଜିଲ୍ଲପାଳ ସମ୍ମାନିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶ୍ରୀ ଦାଶ ଗ୍ରାମାଞ୍ଚଳର ଭିତ୍ତିଭୂମିକୁ ମଜବୁତ କରିବା, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କ ପାଇଁ ନିରନ୍ତର ଜୀବିକା ନିର୍ବାହ, କୃଷି ଉତ୍ପାଦକ କମ୍ପାନୀଗୁଡିକୁ ପ୍ରୋତ୍ସାହିତ ଭଳି ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ନିଆଯାଇଥିବା ପ୍ରୟାସକୁ ପ୍ରଶଂସା କରିଛନ୍ତି ।






Printed, Published and Owned by Hemanta Kumar Mahapatra, Printed at Impressions Press,Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra